## ମୋରମ ବୋଝେଇ ହାଇୱା, ଜେସିବି ଜବତ

ବାରଙ୍ଗ,(ଡି.ଏନ.ଏ.): ଭୁବନେଶ୍ୱର ତହସିଲ ଓ ମେଣ୍ଢାଶାଳ ଫାଣ୍ଡି ପୋଲିସ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ପିତାପଲ୍ଲୀ ରାସ୍ତାର ମେଣ୍ଢାଶାଳ ପେଟ୍ରୋଲପମ୍ପ ନିକଟରୁ ୨ଟି ମୋରମ ବୋଝେଇ ହାଇୱା ଓ ଗୋଟିଏ ଜେସିବିକୁ ଜବତ କରାଯାଇଛି। ଗତ କିଛିମାସ ଧରି ଏହି ଗାଡି ଦୁଇଟି ବିଲ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ସହ ଚୋରା ମୋରମ କାରବାରରେ ନିୟୋଜିତ ହୋଇଥିଲା। ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଲୋକେ ଭୁବନେଶ୍ୱର ସହକାରୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ସକାଳ ୮ଟା।
- ଓୟୁଏଟି ଓ ଅନନ୍ୟା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ ସେମିନାର, ସ୍ୱାମୀନାଥନ କନଫରେନ୍ସ ହଲ, ଓୟୁଏଟି, ସକାଳ ୮ଟା ୩୦।
- ବାବା ଆଖଣ୍ଡମଣି ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ଭିଏସ୍ଏସ୍ ନଗର, ଦୁର୍ଗାପୂଜା ମଣ୍ଡପ, ସକାଳ ୯ଟା।
- ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ, ଲୋୟର ପିଏମ୍ଜି, ପୂର୍ବାହ୍ନ ୧୦ଟା।
- ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଟେଡଏକ୍ସ ଡିଏଭି ସ୍କୁଲୟୁ୮, ସ୍କୁଲ ପରିସର, ୟୁନିଟ-୮, ପୂର୍ବାହ୍ନ ୧୦ଟା।
- ଲୋକ ବିକାଶ ଫାଉଣ୍ଡେଶନର ୪ର୍ଥ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ୟୁନିଟ-୯, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ପାଳନ, ଜୟ ଭାରତ ସଭାଗୃହ, ନିକୋ ପାର୍କ ନିକଟ, ପୂର୍ବାହ୍ନ ୧୧ଟା।
- ଗୋଧୂଳି ସାହିତ୍ୟ ସଂସଦ ପକ୍ଷରୁ ଶ୍ରମିକ ନେତା ବିଦ୍ୟାଧର ବାରିକଙ୍କ ଜୟନ୍ତୀ ପାଳନ, ଜାତୀୟ ଅଭିଲେଖାଗାର ହଲ, ୟୁନିଟ-୪, ଅପରାହ୍ନ ୫ଟା।

## ସଂକ୍ଷେପରେ

### ସଅର ଜାତିକୁ ମାନ୍ୟତା ଦାବି

ବାରଙ୍ଗ,୨୦।୧୧(ଡି.ଏନ୍.ଏ.): ଭୁବନେଶ୍ୱର ଉପକଣ୍ଠ କଣ୍ଟାବାଡ ଭାଗବତୀପୁର ଅଞ୍ଚଳରେ ଅଧିକାଂଶ ସଅର ଜାତିର ଲୋକ ବାସ କରୁଛନ୍ତି। ସେମାନେ ଦୀର୍ଘବର୍ଷ ହେବ ସେଠାରେ ରହୁଥିବାବେଳେ ଜାତିଗତ ସମସ୍ୟା ସହ ବିଭିନ୍ନ ସରକାରୀ ସୁବିଧା, ଜାତି ପ୍ରମାଣପତ୍ର, ଶିକ୍ଷା କ୍ଷେତ୍ରରେ କୋଟା ସମସ୍ୟା ଆଦି ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ତେଣୁ ଏହି ସଅର ଜାତିର ମାନ୍ୟତା ଦାବି ସମ୍ପର୍କରେ ଆଦିବାସୀ ଶବର ସମାଜର ପାଖାପାଖି ୬୦ଜଣ ଆଦିବାସୀ ରାଜ୍ୟ ଅତିଥିଭବନକୁ ଯାଇ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଭେଟି ଜଣାଇଛନ୍ତି। ଏପରିକି ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ସହ ଆଲୋଚନା କରିବାସହ ଜାତିଗତ ସମସ୍ୟାର ସମାଧାନ ଲାଗି ଦାବି ରଖିଥିଲେ। ଏ ଅଞ୍ଚଳର କେଦାର ନାୟକ, ଉପେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜାନକୀ ଦେଈ, ଗୁଣ ଦେହୁରୀ, ଅଚ୍ୟୁତ ବେହେରା, ଅତୁଲ୍ୟ ନାୟକ, ପ୍ରମୋଦ ନାୟକ, କୁନା ନାୟକ, ପ୍ରଦୀପ ନାୟକ, ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ସମାଧାନ ଲାଗି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବାରଙ୍ଗ,୨୦।୧୧(ଡି.ଏନ.ଏ.): ଚନ୍ଦକା ଥାନା ଅନ୍ତର୍ଗତ ଚନ୍ଦକା-ଖଣ୍ଡଗିରି ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଶନିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଭରତପୁର ଅଞ୍ଚଳର ବୋଲି ଜଣାପଡିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ମେଣ୍ଢାଶାଳରୁ ଚନ୍ଦକା ବାଇକ ଯୋଗେ ଆସୁଥିଲେ। ହେଲେ ଚନ୍ଦକା ପାଖ ମୁଖ୍ୟ ରାସ୍ତାରେ ଏକ ଷଣ୍ଢ ରାସ୍ତାପାର ହେଉଥିବା ବେଳେ ଯୁବକ ଜଣକ ଧକ୍କା ଦେଇଥିଲେ। ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ, ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଚନ୍ଦକା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସ୍ୱଚ୍ଛ ସର୍ବେକ୍ଷଣରେ ପଛରେ ପଡ଼ିଲା ବିଏମ୍‌ସି

ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)

- ୫ମ ଥର ପାଇଁ ବାଜିମାରିଲା ଇନ୍ଦୋର
- ଭୁବନେଶ୍ୱର ଦେଶରେ ୧୪୪ ଓ ରାଜ୍ୟରେ ୫ମ ସ୍ୱଚ୍ଛ ସହର
- ଦେଶର ଶ୍ରେଷ୍ଠ 'ମଧ୍ୟମ ଧରଣ' ସହର ବ୍ରହ୍ମପୁର

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ର ଫଳାଫଳ ଘୋଷଣା ହୋଇଛି। ଏଥିରେ ଶ୍ରେଷ୍ଠ ସହର ଭାବେ ମଧ୍ୟପ୍ରଦେଶର ଇନ୍ଦୋର ସବୁଠୁ ସ୍ୱଚ୍ଛ ସହର ଭାବେ ବିବେଚିତ ହୋଇଛି। କ୍ରମାଗତ ୫ମ ଥର ପାଇଁ ଇନ୍ଦୋର ଏହି ଟାଇଟଲ୍ ବଜାୟ ରଖିଛି। ତେବେ ଗତ ବର୍ଷଗୁଡ଼ିକ ପରି ଚଳିତବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ୱଚ୍ଛତା କ୍ଷେତ୍ରରେ ନୈରାଶଜନକ ପ୍ରଦର୍ଶନ କରିଛି। ଭୁବନେଶ୍ୱରକୁ ସର୍ବଭାରତୀୟସ୍ତରରେ ୧୪୪ ର୍ୟାଙ୍କ ମିଳିଥିବା ବେଳେ ରାଜ୍ୟରେ ୫ମ ସ୍ଥାନରେ ଅଛି। ସେହିପରି ରାଜ୍ୟର ସବୁଠୁ ସ୍ୱଚ୍ଛ ସହର ଭାବେ ବ୍ରହ୍ମପୁର ମହାନଗର ନିଗମକୁ ମାର୍କ ମିଳିଥିବାବେଳେ ଦେଶର ଶ୍ରେଷ୍ଠ 'ମଧ୍ୟମ ଧରଣ' ସହର ଭାବେ ବ୍ରହ୍ମପୁର ପୁରସ୍କୃତ ହୋଇଛି।

ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବା ପାଇଁ ବର୍ଷକୁ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସବୁଠୁ ଅଧିକ ସଫେଇ କର୍ମଚାରୀ ଏଠାରେ କାମ କରୁଛନ୍ତି, ଯାନ୍ତ୍ରିକ ସଫେଇ ବି ହେଉଛି। ମାତ୍ର ଏହା ସତ୍ତ୍ୱେ ଭୁବନେଶ୍ୱର ପଛରେ ରହିଛି। ଚଳିତବର୍ଷ ବ୍ରହ୍ମପୁର ୩୭୫୧.୦୯ ମାର୍କ ସହ ରାଜ୍ୟର ସବୁଠୁ ସ୍ୱଚ୍ଛ ସହର ପାଲଟିଛି। ଯାହା ସର୍ବ ଭାରତୀୟସ୍ତରରେ ୫୬ ର୍ୟାଙ୍କରେ ରହିଛି। ସେହିପରି ରାଉରକେଲା ୩,୭୨୩ ମାର୍କ ସହ ୫୭ ତମ ର୍ୟାଙ୍କ ହାସଲ କରିଛି। ବାଲେଶ୍ୱର ୩,୧୮୧.୬୫ ମାର୍କ ସହ ୧୦୯ ର୍ୟାଙ୍କ, ପୁରୀ ୩୦୧୦.୫୩ ମାର୍କ ସହ ୧୨୫ ର୍ୟାଙ୍କ ହାସଲ କରିଥିବାବେଳେ ୨୯୦୮.୧୪ ମାର୍କ ସହ ଭୁବନେଶ୍ୱର ୧୪୪ ତମ ର୍ୟାଙ୍କ ହାସଲ କରିଛି। ଭୁବନେଶ୍ୱର ତଳକୁ କଟକ ୨,୭୯୪.୪୬ ମାର୍କ ସହ ୧୬୨ ର୍ୟାଙ୍କ, ସମ୍ବଲପୁର ୨,୭୪୦.୭୭ ମାର୍କ ସହ ୧୬୭ ର୍ୟାଙ୍କ, ବାରିପଦା ୨,୪୪୪.୬୯ ମାର୍କ ସହ ୨୦୨ ର୍ୟାଙ୍କ ଓ ଭଦ୍ରକ ୨୦୩୭.୮୬ ମାର୍କ ସହ ୧୬୨ ର୍ୟାଙ୍କ ପାଇଛି। ବିଏମ୍‌ସିରେ ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସହର ପରିମଳ କଥା ପରଖିବା ପାଇଁ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧୀନରେ ଏକ ବଡ଼ ଟିମ୍ ପରିଚାଳିତ ହେଉଛି। ୱାର୍ଡସ୍ତରରେ ସାନିଟାରି ଇନସ୍ପେକ୍ଟରଙ୍କଠାରୁ ଆରମ୍ଭ କରି ସ୍ୱଚ୍ଛ ସାଥୀ ପର୍ଯ୍ୟନ୍ତ ସମସ୍ତେ କାମ କରୁଛନ୍ତି। ସବୁ ଉପରେ ସ୍ୱଚ୍ଛ ଭାରତ ଅଭିଯାନ (ଏସ୍‌ବିଏ) ସେଲ୍ ନଜର ରଖୁଛି। ଏହାର ତଦାରଖ କରୁଛନ୍ତି ବିଏମ୍‌ସି କମିସନର। ଏହାସତ୍ତ୍ୱେ ସ୍ୱଚ୍ଛତା ସର୍ବେକ୍ଷଣରେ ଏଭଳି ପ୍ରଦର୍ଶନ ନିହାତି ପକ୍ଷେ ନୈରାଶ୍ୟଜନକ। ସୂଚନା ଅନୁଯାୟୀ, ସର୍ବେକ୍ଷଣରେ ୨୦୧୭ରେ ଭୁବନେଶ୍ୱରକୁ ୯୪ତମ ର୍ୟାଙ୍କ୍ ମିଳିଥିବାବେଳେ ୨୦୧୮ରେ ୨୪୩ତମ, ୨୦୧୯ରେ ୨୮୮ତମ ଓ ୨୦୨୦ରେ ୨୩୩ତମ ର୍ୟାଙ୍କ ମିଳିଥିଲା। ଚଳିତବର୍ଷ ର୍ୟାଙ୍କ ସାମାନ୍ୟ ବୃଦ୍ଧିପାଇଥିଲେ ହେଁ ସ୍ୱଚ୍ଛତା କ୍ଷେତ୍ରରେ ରାଜଧାନୀ ଭୁବନେଶ୍ୱର ଅନ୍ୟ ସହର ତୁଳନାରେ ପଛରେ ପଡ଼ିଛି।



ମୃତ କିନ୍ନରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଛକଠାରେ ଶନିବାର ସଖା ପକ୍ଷରୁ ଶତାଧିକ କିନ୍ନର ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଅଭିଭାବକମାନେ ପିଲାଙ୍କ ଇଚ୍ଛା, ରୁଚିକୁ ସମ୍ମାନ ଦେବା ଉଚିତ

ଭୁବନେଶ୍ୱର ୨୦।୧୧(ବୁରୋ)

ପିପୁଲ୍‌ସ କଲଚରାଲ ସେଣ୍ଟର (ପିକକ) ପକ୍ଷରୁ ୭ଦିନ ଧରି ଡିଜିଟାଲ ମଞ୍ଚରେ ୩୨ତମ ପିକକ ମେଳା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ବି. ପି. ଦାସ ଯୋଗ ଦେଇ କହିଛନ୍ତି, ଶିକ୍ଷା ସମସ୍ତ ଶିଶୁଙ୍କର ଅଧିକାର ଓ ଏଥିପାଇଁ ସମସ୍ତେ ଚେଷ୍ଟିତ ହେବା ଉଚିତ୍। ପିଲାମାନେ ନିଜର ପିତାମାତାଙ୍କ ପ୍ରତି କୃତଜ୍ଞ ରହିବା ସହ ଅଭିଭାବକମାନେ ମଧ ସେମାନଙ୍କ ଇଚ୍ଛା ଓ ରୁଚିକୁ ସମ୍ମାନ ଦେବା ଉଚିତ। ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମାତୃଭାଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ପୂର୍ବତନ ମୁଖ୍ୟ ଶାସନ ସଚିବ ଡଃ ସହଦେବ ସାହୁ, ଚଳଚିତ୍ର ଅଭିନେତ୍ରୀ ତଥା ପିକକର ଶିଶୁ ଅଧିକାର ପ୍ରସାର ନିମନ୍ତେ ଗୁଡୱିଲ ଆମ୍ବାସଡର ଭୁମିକା ଦାଶ, ପିକକର ଖେଳ ଅଧିକାର ପ୍ରସାର ନିମନ୍ତେ ଗୁଡୱିଲ ଅମ୍ବାସଡର ତଥା ଖେଳାଳି ଅଂଶିକା ରାଉତରାୟ, ଅଲମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଫେସବୁକର ପିକକ ପେଜ ଓ ୟୁଟ୍ୟୁବ ଚାନେଲ ମାଧମରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ବହୁ ପ୍ରତିଭାବାନ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମଧ ଏହି ଅବସରରେ ସମ୍ମାନିତ କରଯାଇଥିଲା ।

# ଜମି ଦଲିଲ ପାଇଲେ ୧୨୧ ହିତାଧିକାରୀ

ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)

- ଲିଜ୍ ଡିଡ୍ ବାବଦରେ ୨୯କୋଟି ୧୫ଲକ୍ଷ ଟଙ୍କା ଛାଡ କଲେ ମୁଖ୍ୟମନ୍ତ୍ରୀ
- ଉପକୃତ ହେବେ ୨୮୦୩ ଆବଣ୍ଟନକାରୀ

ଭୁବନେଶ୍ୱରରେ ବାସ କରୁଥିବା ହିତାଧିକାରୀଙ୍କୁ ଲିଜ୍ ଦଲିଲ୍ ପ୍ରଦାନ କରାଯାଇଛି। ବିଡିଏ ଓ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍ଏଚ୍‌ବି) ପକ୍ଷରୁ ସୂଚନା ଭବନରେ ଶନିବାର ବିଭିନ୍ନ ସମୟରେ ଆବଣ୍ଟିତ ଘର ଓ ଜମିର ଲିଜ୍ ଦଲିଲ ହସ୍ତାନ୍ତରର ଶୁଭାରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୧୨୧ହିତାଧିକାରୀଙ୍କୁ ଦଲିଲ୍ ଦିଆଯାଇଥିଲା। ସେଥି ମଧ୍ୟରେ ବିଡିଏର ୭୮ ଏବଂ ଓଏସ୍ଏଚ୍‌ବିର ୪୩ଜଣ ହିତାଧିକାରୀ ରହିଛନ୍ତି। ଆଚାର୍ଯ୍ୟବିହାର, ଉଦୟଗିରି ବିହାର, କଳିଙ୍ଗନଗର, ଅନନ୍ତ ବିହାର, ପୋଖରୀପୁଟ, ଚନ୍ଦ୍ରଶେଖରପୁର, ପଟିଆ, କପିଳପ୍ରସାଦ, ଆଇଗିଣିଆ, ଜୟଦେବ ବିହାର ଏବଂ ଡୁମୁଡୁମାରେ ୨୦ବର୍ଷ ହେବ ଜିଏ ବିଭାଗ ପକ୍ଷରୁ ମିଳିଥିବା ଜମି ଉପରେ ବିଡିଏ ଓ ଓଏସ୍ଏଚ୍‌ବି ପକ୍ଷରୁ ଗୃହ ନିର୍ମାଣ ହୋଇ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଇଥିଲା। ପଞ୍ଚାୟତିରାଜ ତଥା ପାନୀୟ ଜଳ, ଆଇନ୍, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପ୍ରାୟ ୨୯.୧୫କୋଟି ଟଙ୍କା ଛାଡ଼ କରିବା ପରେ ଲିଜ୍ ଡିଡ୍ କାମ ସରିଛି। ଟଙ୍କା ଛାଡ଼ କରିବା ଦ୍ୱାରା ବିଡିଏର ୮୭୮ ଓ ହାଉସିଂ ବୋର୍ଡର ୧୯୨୫ ହିତାଧିକାରୀ ଉପକୃତ ହେବେ। ବିଡିଏ ପକ୍ଷରୁ ୮,୧୧୬ଟି ବାସଗୃହ ଯୋଗାଇ ଦେବା ପାଇଁ ଯୋଜନା ରହିଛି। ସେଥିରୁ ୧,୩୦୧ ବାସଗୃହ ହସ୍ତାନ୍ତର ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆର୍ଥିକ ଅନଗ୍ରସର ଲୋକଙ୍କୁ ୧୪,୪୬୦ଟି ସୁଲଭ ବାସଗୃହ ଯୋଗାଇ ଦିଆଯିବ। ସେହିପରି ରାଜ୍ୟର ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ନିମ୍ନ ମଧ୍ୟବିତ୍ତ ବର୍ଗ (ଏଲ୍ଆଇଜି)ର ଜନସାଧାରଣଙ୍କ ବାସଗୃହ ଚାହିଦା ପୂରଣ ପାଇଁ ୧୯,୨୧୮ଟି ବାସଗୃହ ନିର୍ମାଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ହାଉସିଂବୋର୍ଡ ଚେୟାରମ୍ୟାନ୍ ପ୍ରିୟଦର୍ଶୀ ମିଶ୍ର, ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ, ସେକ୍ରେଟାରୀ କବିନ୍ଦ୍ର ସାହୁ ଯୋଗଦେଇଥିଲେ। ହାଉସିଂବୋର୍ଡ ସେକ୍ରେଟାରୀ ସାଗରିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଜଣେ ହିତାଧିକାରୀଙ୍କୁ ଦଲିଲ୍ ପ୍ରଦାନ କରୁଛନ୍ତି।

## 'ପୁରୀ ନାମ ପରିବର୍ତ୍ତନ ଦାବିର ପ୍ରାସଙ୍ଗିକତା ନାହିଁ'

ପୁରୀ ଅଫିସ,୨୦।୧୧

ପୁରୀ ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରେ ସମର୍ଥନ ଓ ବିରୋଧ ଜାରି ରହିଛି। ଶନିବାର ପୁରୀଠାରେ ଆୟୋଜିତ ୫-ଟି ବ୍ୟବସ୍ଥା ଅଧୀନ ସ୍ମାର୍ଟ ସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମ ଆଗରେ ଏ ନେଇ ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିଜ ମତ ରଖିଛନ୍ତି। ପୁରୀ ନାମ ପରିବର୍ତ୍ତନ ଦାବି ଅନାବଶ୍ୟକ ବୋଲି ସେ କହିଛନ୍ତି। ମନ୍ତ୍ରୀ ଦାଶ କହିଛନ୍ତି, ଏଭଳି ଦାବିର ଆବଶ୍ୟକତା କିମ୍ବା ଯଥାର୍ଥତା ନାହିଁ। ପୁରୀ କହିଲେ ଜଗନ୍ନାଥ, ଜଗନ୍ନାଥ କହିଲେ ପୁରୀ। ଏହାକୁ ନେଇ ଚର୍ଚ୍ଚା ନ ହେବା ଦରକାର। ଏଭଳି ଦାବିରେ କୌଣସି ପ୍ରାସଙ୍ଗିକତା ଥିବା ମୋତେ ଅନୁଭବ ହେଉନାହିଁ। ସେହିଭଳି ପୁରୀ ରେଳଷ୍ଟେଶନର ନାମ ପରିବର୍ତ୍ତନ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିବା ବେଳେ ରାଜ୍ୟ ସରକାର ଏହା ଉପରେ ଯାହା ନିଷ୍ପତ୍ତି ନେବା କଥା ନେବେ। ସେ ସମ୍ପର୍କରେ ଏବେଠାରୁ ଟିପ୍ପଣୀ ଦେବା ଉଚିତ୍ ହେବ ନାହିଁ ବୋଲି ମନ୍ତ୍ରୀ ଦାଶ ପ୍ରକାଶ କରିଛନ୍ତି।

## ସାଇନିଂ କ୍ୟାଲେଣ୍ଡର ଅଡିଶନ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ସାଇନିଂ ଗ୍ରୁପ୍ ଅଫ୍ କମ୍ପାନୀ ପକ୍ଷରୁ ଚଳିତ ବର୍ଷର କ୍ୟାଲେଣ୍ଡର ଅଡିସନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଓ ଗ୍ଲାମ୍ ସାଇନ୍ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟର ମିଳିତ ସହଯୋଗରେ ଗତବର୍ଷ ଭଳି ଚଳିତ ବର୍ଷ ମଧ ବଛା ବଛା ମଡେଲଙ୍କୁ ନେଇ ଆସନ୍ତା ମାସରେ ସାଇନିଂ କ୍ୟାଲେଣ୍ଡର ଉନ୍ମୋଚନ କରିବାକୁ ଯାଉଛି। ଏ ସମ୍ପର୍କରେ ସାଇନିଂ ଗ୍ରୁପ୍ ଅଫ୍ କମ୍ପାନୀର ନିର୍ଦ୍ଦେଶକ ପଓନ କୁମାର କହିଛନ୍ତି, ମଡେଲ, ମେକ୍‌ଅପ୍ ଆର୍ଟିଷ୍ଟ, ଫଟୋଗ୍ରାଫର, ଡିଜାଇନରଙ୍କୁ ନୂତନ ପ୍ଲାଟ୍‌ଫର୍ମ ଯୋଗାଇଦେବା ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ । ଚଳିତବର୍ଷ ହାଇ ଫ୍ୟାଶନକୁ ନେଇ କ୍ୟାଲେଣ୍ଡର ଉନ୍ମୋଚନ କରାଯିବ। ଏହା ପୂର୍ବରୁ ଅନ୍‌ଲାଇନ ଅଡିସନ କରାଯାଇଥିଲା ଯେଉଁଥିରେ ୧୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ୮୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଅଡିସନ ଦେବା ପାଇଁ ଚୟନ କରାଯାଇଛି।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

ଫୁଲବାଣୀରୁ କେନ୍ଦୁଝରକୁ ଗଞ୍ଜେଇ ଚୋରା ଚାଲାଣବେଳେ ଜଣେ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳର ହଳଧର ଜେନା (୨୫)। ତାଙ୍କ ନିକଟରୁ ପୋଲିସ ୧୨.୭ କେଜି ଗଞ୍ଜେଇ ଓ ମୋବାଇଲ ଫୋନ ଜବତ କରିଛି। ପୋଲିସ ୩୪୯/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କନ୍ଧମାଳ ଜିଲାରୁ ବସ୍‌ରେ କଟକ ଓ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରାଯାଇ ଟ୍ରେନ୍‌ରେ ରାଜ୍ୟ ବାହାରକୁ ପଠାଯାଉଥିବା ଖବର ଭରତପୁର ଥାନା ପୋଲିସ ନିକଟରେ ପହଞ୍ଚିଥିଲା। ଶନିବାର ସକାଳେ ପୋଲିସ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଚଢାଉ କରି କନ୍ଧମାଳରୁ ଆସିଥିବା ବସ୍‌ରେ ଯାଞ୍ଚ କରିଥିଲେ। ଏହି ସମୟରେ ହଳଧରଙ୍କ ନିକଟରୁ ୧୨.୭ କେଜି ଗଞ୍ଜେଇ ପୋଲିସ ଜବତ କରିଥିଲା। ସେ ଫୁଲବାଣୀରୁ କେନ୍ଦୁଝରସ୍ଥିତ ନିଜ ଘରକୁ ଫେରୁଥିବାବେଳେ ଅର୍ଥାଭାବରୁ ଏହି ବେପାରକୁ ଆପଣାଇଥିବା ପୋଲିସକୁ କହିଥିଲେ।

# ନନ୍ଦନକାନନ ଶିଶୁ ରେଳଗାଡ଼ି: ଗଡୁଛି କମ୍, ରହୁଛି ବେଶି

ବାରଙ୍ଗ,୨୦।୧୧(ଡି.ଏନ୍.ଏ.)

- ପ୍ରଥମ ଟ୍ରିପ୍ ଫେରିବା ବେଳେ ପୁଣି ତ୍ରୁଟି
- ଷ୍ଟେଶନ ବାହାରେ ଲାଗିଲା ବନ୍ଦ ବୋର୍ଡ

ନନ୍ଦନକାନନର ଶିଶୁ ରେଳଗାଡ଼ିକୁ ନେଇ ଚର୍ଚ୍ଚା ପିଛା ଛାଡୁନାହିଁ। ବାରମ୍ବାର ତ୍ରୁଟିହେବା ଯୋଗୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଏବେ ଚିନ୍ତାର କାରଣ ସାଜିଛି। ୭ବର୍ଷ ବ୍ୟବଧାନ ପରେ ନନ୍ଦନକାନନରେ ନୂଆରୂପ ନେଇଥିବା ଏହି ଶିଶୁରେଳଗାଡ଼ି କମ୍ ଚାଲୁଥିବାବେଳେ ବେଶି ରହୁଥିବାର ଦେଖିବାକୁ ମିଳିଛି। ମରାମତି ହେବାର ଗୋଟିଏ ଦିନ ପରେ ଶନିବାର ପୁଣି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ୭ଜଣ ପର୍ଯ୍ୟଟକଙ୍କୁ ନେଇ ପ୍ରଥମ ପରିଭ୍ରମଣରେ ବାହାରିଥିବା ଶିଶୁରେଳଗାଡ଼ି ଫେରୁଥିବାବେଳେ ବ୍ୟାଟେରିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ସହ ଧୂଆଁ ବାହାରିଥିଲା। କୌଶଳକ୍ରମେ ଚାଳକ ଟ୍ରେନଟିକୁ ଷ୍ଟେଶନ ପର୍ଯ୍ୟନ୍ତ ନେଇଆସିଥିଲେ। ଫଳରେ ଏକ ଦୁର୍ଘଟଣାରୁ ପର୍ଯ୍ୟଟକ ରକ୍ଷା ପାଇଯାଇଥିଲେ। ଏବେ ଷ୍ଟେଶନ ଫାଟକରେ ତାଲା ପକାଯାଇ ଗେଟ୍‌ରେ ବନ୍ଦ ଲେଖାଥିବା ବୋର୍ଡ ଲଗାଯାଇଥିବା ଦେଖିବାକୁ ମିଳିଛି।

ଶିଶୁ ରେଳଗାଡ଼ିକୁ ନୂଆରୂପ ଦେବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ୪କୋଟି ୯୮ଲକ୍ଷ ଟଙ୍କା ବ୍ୟୟ କରି ରାଇଟ୍ସ ସଂସ୍ଥା ଦ୍ୱାରା ମରାମତି କରିବା ପରେ ଗତ ମାସ ୮ତାରିଖରେ ବନ୍ୟପ୍ରାଣୀ ସପ୍ତାହରେ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଏହାକୁ ଲୋକାର୍ପଣ କରାଇଥିଲେ। ବିଧିବଦ୍ଧ ଭାବେ ୧୪ତାରିଖରେ ଏହା ପ୍ରଚଳନ କରିଥିବା ବେଳେ ପରଦିନ ଖରାପ ହୋଇଥିଲା। ମରାମତି ପରେ ଚଳିତ ମାସ ୧୬ରେ ପୁଣି ଶିଶୁରେଳଗାଡି ଗଡ଼ିବା ଆରମ୍ଭ ହୋଇଥିଲା। ହେଲେ ଗୋଟିଏଦିନ ପରେ ପୁଣି ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ଯାହାକୁ ନେଇ କର୍ତ୍ତୃପକ୍ଷ ଶିଶୁ ରେଳଗାଡି ମରାମତି ପାଇଁ ଭୁବନେଶ୍ୱର ଆଇଆଇଟିରେ ୬ଜଣ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆସି ଟ୍ରେନଟିକୁ ଅନୁଧ୍ୟାନ କରି ଟ୍ରାଏଲ କରିବା ପରେ ଶୁକ୍ରବାର ରେଳଗାଡ଼ି ଚାଲିଥିଲା। କିନ୍ତୁ ଶନିବାର ପ୍ରଥମ ଟ୍ରିପ୍‌ରେ ପର୍ଯ୍ୟଟକଙ୍କୁ ବୁଲାଇ ଫେରିବା ବେଳେ ପୁଣି ତ୍ରୁଟି ଦେଖାଦେଇଥିଲା। ଏହା ତୃତୀୟଥର ପାଇଁ ତ୍ରୁଟି ଦେଖାଦେବାରୁ ନନ୍ଦକାନନ କର୍ତ୍ତୃପକ୍ଷ ଶିଶୁ ରେଳଗାଡ଼ିକୁ ବନ୍ଦ କରିଦେଇଛନ୍ତି। ଠିକା ସଂସ୍ଥାର ବିଶେଷଜ୍ଞ ଦଳ ଆସି ଅନୁଧ୍ୟାନ କରିବା ସହ ସମ୍ପୂର୍ଣ୍ଣ ମରାମତି ହେବା ପରେ ଶିଶୁ ରେଳଗାଡ଼ି ଚାଲିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ସବୁଠାରୁ ବଡ଼କଥା ହେଲା ବିଭାଗୀୟ ରେଞ୍ଜରଙ୍କ ଉପସ୍ଥିତିରେ ନେଇଥିବା ସଂସ୍ଥା ମେକାନିକ ପଠାଇ ମରାମତି କରୁଛି। ରେଞ୍ଜରଙ୍କ ଉପସ୍ଥିତିରେ ଟ୍ରାଏଲ ମଧ୍ୟ ହେଉଛି। ମରାମତି ସରିଲା ପରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ପୁଣି ଆଲୋଚନା ମଧ୍ୟ ହେଉଛି। ଏତେ ସବୁ ହେବା ପରେ ମଧ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଶିଶୁ ରେଳଗାଡ଼ି ଷ୍ଟେଶନ ଫାଟକରେ ତାଲା ପଡ଼ିଥିବାରୁ ପର୍ଯ୍ୟଟକ ନିରାଶରେ ବସିଛନ୍ତି।




ସରକାରୀ ଚାକିରି କ୍ଷେତ୍ରରେ ୫ ପ୍ରତିଶତ ସଂରକ୍ଷଣ ସହ ବିଭିନ୍ନ ଦାବି ନେଇ ଟି.ଜି. ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶନିବାର କିନ୍ନରମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ କ୍ୟାମ୍ପସ ପରିସରରେ ଶନିବାର ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ (ତୃତୀୟ ଶ୍ରେଣୀ)ର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।




କରୋନାରେ ଆକ୍ରାନ୍ତ ହୋଇଥିବା ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

# ପୁରୁଣା ସରିନି, ନୂଆ ପ୍ରକଳ୍ପ ପାଇଁ ଚିନ୍ତା

■ ଅନେକ ପ୍ରକଳ୍ପ ଅଧପନ୍ତରିଆ
■ ୯୪ ପ୍ରକଳ୍ପ ପାଇଁ ୬.୪୮ କୋଟି ମଞ୍ଜୁର

**ଖୋର୍ଦ୍ଧା ଅଫିସ,୨୦।୧୧**

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବରୁଣେଇ ସ୍ମାର୍ଟ ପାର୍କ ଏବଂ ଟିଏଲ୍‌ସି ରୋଡ୍‌ଠାରେ ଆଦର୍ଶ ଶ୍ମଶାନ ନିର୍ମାଣ ପାଇଁ ୨୦୨୦ ଡିସେମ୍ବର ୧୬ରେ ପୌର ପ୍ରଶାସନ ପକ୍ଷରୁ ଶିଳାନ୍ୟାସ କରାଯାଇଥିଲା । ମାର୍ଚ୍ଚ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସରିବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା । ତେବେ ବର୍ଷେ ପୂରିବାକୁ ଥିବା ବେଳେ ଏଯାଏ କାମ ସରିନାହିଁ। କରୋନା ପାଇଁ ଖୋର୍ଦ୍ଧା ସହରରେ ଏକାଧିକ ପ୍ରକଳ୍ପ ଅଧାରୁ ଅଟକି ରହିଥିବା ବେଳେ କେତେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ସେହିପରି ଜୟୀ ରାଜଗୁରୁ ଟାଉନ ହଲ୍ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ସରିବାକୁ ପ୍ରସ୍ତାବ ରହିଛି । ପୁରୁଣା ପ୍ରକଳ୍ପ କାର୍ଯ୍ୟ ସରି ନ ଥିବା ବେଳେ ଏହି ପୌରାଞ୍ଚଳରେ ପୁଣି ମୁକ୍ତା ଯୋଜନାରେ ୯୪ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି । ଆଗକୁ ପୌର ନିର୍ବାଚନ ଥିବାରୁ ଭୋଟରଙ୍କ ପ୍ରତି ଆସ୍ଥା ଜମାଇବା ଉଦ୍ଦେଶ୍ୟରେ ଶାସକ ଦଳ ପକ୍ଷରୁ ପ୍ରହସନ ଚାଲିଛି ବୋଲି ବିରୋଧୀ କହିଛନ୍ତି।

ପ୍ରକାଶ ଯେ, ୩ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ରହିଥିବା ବେଳେ ଖୋର୍ଦ୍ଧା ପୌର ପ୍ରଶାସନର ପ୍ରସ୍ତାବକ୍ରମେ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୬କୋଟି ୪୮ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ମୁକ୍ତା ଯୋଜନାରେ ୯୪ଟି ପ୍ରକଳ୍ପ ନିର୍ମାଣ ପାଇଁ ଅନୁମୋଦନ କରିଛନ୍ତି । ଏଥିରେ ୭ଟି କ୍ଷୁଦ୍ର ଉଦ୍ୟାନ, ୯ଟି ପବ୍ଲିକ ଜିମ୍, ୧୨ଟି ଶିଶୁ କ୍ରୀଡା ଉଦ୍ୟାନ, ୮ଟି ପାଦଚଲା ରାସ୍ତା, ୪ ଖେଳପଡିଆ, ୬ ଶୌଚାଳୟ, ୪ଟି ରାସ୍ତାକଡ଼ ବିକ୍ରୟ ସ୍ଥଳୀ, ୨୬ଟି ରାସ୍ତା ଓ ଡ୍ରେନ୍‌ର ପୁନରୁଦ୍ଧାର ଏବଂ ୧୮ଟି ରାସ୍ତା ନିର୍ମାଣ କରାଯିବ ବୋଲି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ସହରରେ ରହିଥିବା ଡ୍ରେନ୍ ସଫା ନ ହେବା ଫଳରେ ଅଳିଆ ଆବର୍ଜନା ପଡି ରାସ୍ତା ସହ ମିଶିଗଲାଣି । ଅନେକ ସ୍ଥାନରେ ଡ୍ରେନ ମୁକୁଳା ପଡିଛି । ଏଥିରେ ଶିଶୁ, ପଥଚାରୀ, ଗୋରୁ ପଡି ଆହତ ହେଉଛନ୍ତି । ଟିଏଲ୍‌ସି ରୋଡ ନିକଟ ଖଣି ପୋଖରୀର ପୁନରୁଦ୍ଧାର ନ ହେବା ଫଳରେ ଏଠାରେ ଅଳିଆ ଆବର୍ଜନା ପଡୁଥିବାରୁ ଖାଦ୍ୟ ଲାଳସାରେ ଆସି ଗୋରୁ, କୁକୁର ଏହି ପରିତ୍ୟକ୍ତ ପୋଖରୀରେ ପଡୁଛନ୍ତି। କିଛି ମାସ ପୂର୍ବେ ଅଗ୍ନିଶମ କର୍ମଚାରୀ ୩ଟି ଷଣ୍ଢ ଉଦ୍ଧାର କରିଥିଲେ । ଅନ୍ୟପଟେ ନିକଟରେ ବରୁଣେଇ ପରିଦର୍ଶନରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯାଇଥିବା ବେଳେ ପାର୍କ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ଡିସେମ୍ବର ସୁଦ୍ଧା ସାରିବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ଏ ସମ୍ପର୍କରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ପ୍ରଶାସନ ସହ ଆଲୋଚନା କରିଛି । ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ସରିବ। ଅନ୍ୟପଟେ ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ର କହିଛନ୍ତି, ମୁକ୍ତା ଯୋଜନାରେ ସହରରେ ଜଳ ସଂରକ୍ଷଣ ପାଇଁ କରାଯାଇଥିବା କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଛି । ଏବେ ପୁଣି ମୁକ୍ତା ଯୋଜନାରେ ଏକାଧିକ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ସରକାରୀ ଅର୍ଥକୁ ମିଳିମିଶି ହରିଲୁଟ କରୁଛନ୍ତି। କଂଗ୍ରେସ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରାଯିବ।

## ସଂକ୍ଷେପରେ

### ବିଲରେ ଗଜା ହେଲା ଧାନ, ଋଣ ଶୁଝିବା ଚିନ୍ତାରେ ଚାଷୀ



**ନିରାକାରପୁର,୨୦।୧୧(ଡି.ଏନ୍.ଏ.):** ଲଘୁଚାପଜନିତ ବର୍ଷା ଯୋଗୁ ନିରାକାରପୁର ଅଞ୍ଚଳର ବହୁ ଚାଷଜମିରେ ଏବେ ବି ପାଣି ଜମି ରହିଛି। ଫଳରେ ଅଧିକାଂଶ ବିଲରେ ପାଚିଲା ଧାନ ଫସଲ ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଋଣ ଟଙ୍କା କିଭଳି ଶୁଝିବେ ସେନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ଏନେଇ ଚାଷୀ ସୁନିଲ ସୁବୁଦ୍ଧି କହିଛନ୍ତି, ପୂର୍ବରୁ ଅର୍ଥଲଗାଣକାରୀ ସଂସ୍ଥାରେ କାମ କରୁଥିଲି। ସେ ସଂସ୍ଥା ଭାଙ୍ଗିଯିବା ପରେ ଏବେ ଧାନ ଚାଷକୁ ମନବଳାଇଛି। ଧାର କରି ଦେଢ ଏକର ଧାନ ଫସଲ କରିଛି। ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ପାଣିରେ ବୁଡ଼ି ରହିଛି। ଧାନ ସବୁ ଗଜା ହୋଇଗଲା। ଧାର କିପରି ଶୁଝିବି ବୋଲି ସେ କହିଛନ୍ତି। ସେହିପରି ଚାଷୀ ବିପିନ ଜୟସିଂହ କହିଛନ୍ତି, ଦୁଇ ଏକର ଧାନ ଫସଲ କରିଥିଲି। ବର୍ଷା ଯୋଗୁ ସେଥିରୁ ବିଲରେ ପ୍ରାୟ ୬୦ ପ୍ରତିଶତ ପାଚିଲା ଧାନ ଗଜାହୋଇଗଲା। ବିଲରୁ ପାଣି ଛାଡୁ ନ ଥିବାରୁ ଏବର୍ଷ ଧାନ ଫସଲ ଅମଳ ହୋଇପାରିବ ନାହିଁ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିଭରଣା ଦେବାକୁ ଦାବି କରିଛନ୍ତି।

### ପର୍ଯ୍ୟଟନ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଦାବିପତ୍ର

**ଖୋର୍ଦ୍ଧା ଅଫିସ,୨୦।୧୧:** ଖୋର୍ଦ୍ଧାରେ ପର୍ଯ୍ୟଟନ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ୫ଟି ଯୋଜନା ମାଧମରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ନ୍ୟୁ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର ପୃଷ୍ଟି ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରାଗଲେ ଖୋର୍ଦ୍ଧାର ଐତିହ୍ୟ, ସଂସ୍କୃତି ସ ପରମ୍ପରା ଉଜ୍ଜୀବିତ ହେବା ସହ ପର୍ଯ୍ୟଟକଙ୍କ ସମାଗମ ହେବ। ୧୬ନଂ. ଜାତୀୟ ରାଜପଥ ପଲ୍ଲାତୋଟାପଡ଼ା ହାଇସ୍କୁଲ ନିକଟରେ ଥିବା ସରକାରୀ ଜାଗାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଏଠାରୁ ଅନ୍ୟ ରାଜ୍ୟକୁ ବସ୍ ଯାତାୟାତ କରିପାରିବ। ବରୁଣେଇ ପାହାଡ଼ ପାର୍ଶ୍ୱରେ ଏକ ନୂତନ ରାସ୍ତା ନିର୍ମାଣ କରାଯାଇ ଜିଲା ସଦର ମହକୁମା ସ୍ଥିତ ଆଇଆଇଟି ଅନୁଷ୍ଠାନକୁ ସଂଯୋଗ କରାଗଲେ ଖୋର୍ଦ୍ଧା ସହରର ଗୌରବ ବୃଦ୍ଧି ପାଇବ। ପ୍ରସ୍ତାବିତ ନୂତନ ଷ୍ଟାଡିୟମକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବା ଆଦି ଦାବି ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ପ୍ରଦାନ ବେଳେ ଡ. ବୃନ୍ଦାବନ ପଣ୍ଡା, ସଞ୍ଜୟ ପଟ୍ଟନାୟକ, ରାମଶଙ୍କର, ପ୍ରଭାତ ମିଶ୍ର, ବାସା ଖାନ, ଏମ୍.ଡି.କଲାମ ଉପସ୍ଥିତ ଥିଲେ।

### ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

**ପୁରୀ ଅଫିସ, ୨୦।୧୧:** ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ଶନିବାର ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଗଞ୍ଜାମ ଜିଲାର ୫୫ଟି ଗ୍ରାମ ଓ ପୁରୀ ଜିଲା ଚିଲିକା ପାର୍ଶ୍ୱସ୍ଥ କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତ ଅଧୀନ ୯୨ଟି ଗ୍ରାମର ଲୋକେ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ବସୁଧା ଯୋଜନା ମାଧମରେ ଋଷିକୁଲ୍ୟା ନଦୀର କଂସାରୀ ଗଣ୍ଡରୁ ପାଣି ଆଣି ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷ୍ଣପ୍ରସାଦଠାରେ ଏହି ବୃହତ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପରୁ ରାମଲେଙ୍କା, ବଜ୍ରକୋଟ, ମାଲୁଦ, ବୁଦ୍ଧିବର, ବଡଅଁଳ, ସିଆଳ, ସିଆଣ୍ଡି, କୃଷ୍ଣପ୍ରସାଦ, ଅଲଣ୍ଡା, ତିତିପ, ଗୋମୁଣ୍ଡିଆ, ବଡ଼ଝାଡ଼, ଚିଲିକା ନୂଆପଡ଼ା ଓ ବ୍ରହ୍ମପୁର ପଞ୍ଚାୟତର ୯୨ଟି ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ। ଉକ୍ତ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଦାସବର୍ମା ସମୀକ୍ଷା କରିଛନ୍ତି। ବଡ଼ଅଁଳ, ବଡ଼ ଖଟିଆକୁଦି, କୃଷ୍ଣପ୍ରସାଦର ପାଇକ ସାହି, ସାନଅଁଳ ଓ କୁରୁପାଳ ଗ୍ରାମକୁ ପିଇବା ପାଣି ଯୋଗାଇବା ଲାଗି ସୃଷ୍ଟି ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଦାସବର୍ମା ପରାମର୍ଶ ଦେଇଛନ୍ତି। ଅଲଣ୍ଡା ଓ ସିଆଣ୍ଡି ଗ୍ରାମର ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଦାସବର୍ମା ୧୧ ପଞ୍ଚାୟତର କ୍ଷେତ୍ର ପରିଦର୍ଶନକରି ନିର୍ମାଣାଧୀନ ସମସ୍ତ ଓଭରହେଡ୍ ଟ୍ୟାଙ୍କ କାର୍ଯ୍ୟର ଅଗ୍ରଗତି ଅନୁଧାନ କରିବା ସହ ସମୟ ମଧରେ ଶେଷ କରିବାକୁ କହିଛନ୍ତି। ବୈଠକରେ ସର୍ବେଶ୍ୱର ବାରିକ, ସର୍ବେଶ୍ୱର ମହାପାତ୍ର, ଅଭିମନ୍ୟୁ ବାରିକ ଉପସ୍ଥିତ ଥିଲେ।



ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଶନିବାର ଖୋର୍ଦ୍ଧା ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ୫ଦଫା ଦାବିରେ ସମବାୟ କର୍ମଚାରୀ ମହାସଂଘର ଧାରଣା

■ ସରକାରୀ ମାନ୍ୟତା, ବର୍ଦ୍ଧିତ ଭତ୍ତା ଦିଆଯାଉ
■ ସ୍ଥାୟୀ ନିଯୁକ୍ତି, ଚାକିରୀ ସର୍ତ୍ତାବଳୀ, ପେନସନ ଲାଗୁ କରାଯାଉ

**ଖୋର୍ଦ୍ଧା ଅଫିସ,୨୦।୧୧**

ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଭୁବନେଶ୍ୱର ପକ୍ଷରୁ ୫ଦଫ ଦାବି ପୂରଣ ନେଇ ଶନିବାର ଖୋର୍ଦ୍ଧା ସମବାୟ ସମିତି ସମୂହ ଉପନିବନ୍ଧକ କାର୍ଯ୍ୟାଳୟ ଆଗରେ ଶତାଧିକ କର୍ମଚାରୀ ଧାରଣା ଦେଇଥିଲେ । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପନିବନ୍ଧକଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଓଡ଼ିଶାର ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସଗୁଡ଼ିକ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନା କରୁଛନ୍ତି। ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଉ। ୨୦୦୫ ଠାରୁ ୨୦୧୯ ମଧ୍ୟରେ ସମବାୟ ବିଭାଗ ଦ୍ୱାରା ପ୍ରକାଶିତ ଆଦେଶକୁ କାର୍ଯ୍ୟକାରୀ କରାଯାଉ। ୭ମ ବେତନ କମିଶନଙ୍କ ସୁପାରିସ ପ୍ରକାରେ ସମସ୍ତ ବର୍ଗରେ କର୍ମଚାରୀଙ୍କୁ ଦରମା, ବର୍ଦ୍ଧିତ ମହଙ୍ଗା ଭତ୍ତା କାର୍ଯ୍ୟକାରୀ, ପାଣ୍ଠି କାର୍ଯ୍ୟକାରୀ ସହ ସମସ୍ତ ବର୍ଗର କର୍ମଚାରୀଙ୍କ ନିମନ୍ତେ ୩ଶହ କୋଟିର ବଜେଟ ଅଟକଳ କରାଯାଉ। ଏଥିସହ ସମିତି ଓ ଲ୍ୟାମ୍ପସରେ କାର୍ଯ୍ୟରତ ଡିଇଓ କର୍ମଚାରୀଙ୍କ ନିମନ୍ତେ ଚାକିରି ସର୍ତ୍ତାବଳୀରେ ପଦବୀ ସୃଷ୍ଟି କରାଯାଇ ସ୍ଥାୟୀ ନିଯୁକ୍ତି ଓ ଦରମା ନିର୍ଦ୍ଧାରଣ କରାଯାଉ। ଗ୍ରାଚୁଇଟି ଓ ପେନସନ୍ ବ୍ୟବସ୍ଥା ଲାଗୁ କରାଯାଉ। ସମବାୟ ତ୍ରିସ୍ତରୀୟ ବ୍ୟବସ୍ଥାର ଉଚ୍ଛେଦ କରାଯାଇ ଦୁଇସ୍ତରୀୟ ବ୍ୟବସ୍ଥା ପ୍ରଚଳନ କରାଯାଉ। ୨୭୦୮ ସମିତି, ଲ୍ୟାମ୍ପସରେ କାର୍ଯ୍ୟ କରୁଥିବା ସିଇଓମାନଙ୍କୁ ସରକାରୀ କର୍ମଚାରୀ ହିସାବରେ ପରିଗଣିତ କରାଯାଉ ବୋଲି ମହାସଂଘ ଦାବି କରିଛି। ମହାସଂଘ ସଭାପତି ସୀତାରାମ ପ୍ରଧାନ, ଉପସଭାପତି ଘନଶ୍ୟାମ ଜେନା, କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ଦାଶ,ସଙ୍ଗଠନ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ସାଧାରଣ ସମ୍ପାଦକ ଦିଗମ୍ବର ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ। ସମିତି ସଭାପତି ପ୍ରଧାନ କହିଛନ୍ତି, କର୍ମଚାରୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ସମିତିର କର୍ମଚାରୀମାନେ କୃଷକଙ୍କ କୃଷିଜାତ ସାମଗ୍ରୀର ବିପଣନ କାର୍ଯ୍ୟ ତୁଲାଉଛନ୍ତି। କୃଷକଙ୍କ ଆର୍ଥିକ ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ସମିତି ଓ ଲ୍ୟାମ୍ପସ କର୍ମଚାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ମହାସଂଘ ସରକାରଙ୍କ ନିକଟରେ ଦାବି କରିଛି।

## ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ପୋଲିସ ହଟହଟା

**ଖୋର୍ଦ୍ଧା ଅଫିସ,୨୦।୧୧**

**୩ ଘଣ୍ଟା ପରେ ମୁକୁଳିଲେ**

ଏକ ଚୋରି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା ବୋଲଗଡ଼ ଥାନା ପୋଲିସକୁ ଶନିବାର ହଟହଟା ହେବାକୁ ପଡିଛି। ଘଟଣାକୁ କେନ୍ଦ୍ରକରି ପୋଲିସ ଏବଂ କେତେଜଣ ଗ୍ରାମବାସୀ ମୁହାଁମୁହିଁ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଗିରଫଦାରିକୁ ବିରୋଧ କରି ଗ୍ରାମବାସୀ ଥାନା ଅଧିକାରୀ ବିଦିତା ନାୟକଙ୍କ ସମେତ ୫ଜଣଙ୍କୁ ଅଟକ ରଖିଥିଲେ। ଦୀର୍ଘ ୩ଘଣ୍ଟା ପରେ ପୋଲିସ ସେଠାରୁ ମୁକୁଳିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ମରଦାବାଡି ଗାଁକୁ ସନ୍ଧ୍ୟାରେ ଯାଇଥିଲେ। ପୋଲିସ ସମ୍ପୃକ୍ତ ପରିବାରଙ୍କ ଘରେ ପହଞ୍ଚି ଅନୁସନ୍ଧାନ କରୁଥିବା ବେଳେ ହଠାତ୍ ଗ୍ରାମର କେତେଜଣ ଲୋକ ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାର ସମାଧାନ ନ ହେଲା ପର୍ଯ୍ୟନ୍ତ ପୋଲିସ ଏଠାରୁ ଯାଇପାରିବେନି ବୋଲି କହିବା ସହ ପୋଲିସଙ୍କୁ ଅଟକ ରଖିଥିଲେ। ପରବର୍ତ୍ତୀ ସମୟରେ ବୁଝାଶୁଝା ପରେ ରାତି ପ୍ରାୟ ୯ଟା ୩୦ରେ ପୋଲିସ ସେଠାରୁ ମୁକୁଳିଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି, ଏକ ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବୋଲଗଡ ଥାନାର ଏକ ଟିମ୍ ଥାନା ଅଧିକାରୀଙ୍କ ସହ ଯାଇଥିଲେ। ସେଠାରେ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। କିନ୍ତୁ ପୋଲିସ ଅଟକ ଥିବା ଘଟଣାକୁ ଏସ୍‌ଡିପିଓ ଅସ୍ୱୀକାର କରିଛନ୍ତି ।

## ହାତୀଙ୍କ ଗତିବିଧି ଲକ୍ଷ୍ୟ ପାଇଁ ଲାଗିବ ଜିପିଏସ୍

**ଟାଙ୍ଗୀ(ଖୋର୍ଦ୍ଧା), ୨୦।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସଞ୍ଜ ନଇଁଲେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏମାନଙ୍କୁ ଘଉଡ଼ାଇବା ପାଇଁ ବନ କର୍ମଚାରୀ ନାକେଦମ ହଉଛନ୍ତି। ଏହି ବନାଞ୍ଚଳରେ ହାତୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ହାତୀଙ୍କ ଦେହରେ ଜିପିଏସ୍ ଲାଗିବ। ଏଥିଲାଗି ଆସାମରୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ପହଞ୍ଚିଛନ୍ତି। ରବିବାର ସକାଳେ ହାତୀଙ୍କୁ ଟ୍ରାଙ୍କୁଲାଇଜ କରାଯାଇ ଜିପିଏସ୍ ଲଗାଯିବ ବୋଲି ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି।

### ମଦ, ବାଇକ୍ ଜବତ: ୩ ଗିରଫ

**ବାଲୁଗାଁ/ବାଣପୁର, ୨୦।୧୧(ଡି.ଏନ୍.ଏ.)**

ବାଲୁଗାଁ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଣପୁର ଥାନା ଅଧୀନ କୋଶରଢ଼ା ବଡ଼ସାହି ଗ୍ରାମର ପ୍ରଫୁଲ୍ଲ ଶବର(୨୩), ଲିଲୁ ଶବର(୨୬) ଓ ଲାକିୟା ଶବର(୫୦)। ଏମାନଙ୍କ ନିକଟରୁ ୪୫୦ଲିଟର ଦେଶୀ ମଦ ସହ ୩ଟି ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ବାଲୁଗାଁ-ବାଣପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଚୋରା ମଦ କାରବାର ବଢ଼ି ଚାଲିଛି। ବରବରା ଜଙ୍ଗଲ ସ୍ଥିତ କୋଶରଢ଼ା ଅଞ୍ଚଳରୁ ଦେଶୀ ମଦ ବାଣପୁରକୁ ଚାଲାଣ ହେଉଥିବା ଖବରପାଇ ବାଲୁଗାଁ ଅବକାରୀ ଉପ-ନିରୀକ୍ଷକ ବି. ମନୋଜ କୁମାର ସଦଳବଳ ଚଢ଼ାଉ କରିଥିଲେ। ସ୍ଥାନୀୟ ମୁକ୍ତାଦେଇପୁର କେନାଲ ରାସ୍ତାରେ ଶନିବାର ଭୋରରୁ ବେପାରୀଙ୍କୁ ଗିରଫ କରିଥିଲା। ଏନେଇ ବିଭାଗ ପକ୍ଷରୁ ପୃଥକ ଭାବେ ୩ଟି ମାମଲା ରୁଜୁ ହୋଇଛି।

### କୃଷକଙ୍କ ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ

**ବୋଲଗଡ଼,୨୦।୧୧(ଡି.ଏନ୍.ଏ.)**

ସ୍ଥାନୀୟ ନନ୍ଦିଘୋଷ ଭବନ ଠାରେ ଶନିବାର ବୋଲଗଡ଼ ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର କଡ଼ବ ପଞ୍ଚାୟତ ସଂଯୋଜକ ସନାତନ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବୋଲଗଡ ବ୍ଲକ ସଭାପତି ଜୟନ୍ତ ତ୍ରିପାଠୀ, ଜିଲା ସଭାପତି ସୁରେଶ ମାନସିଂହ ପ୍ରମୁଖ ଯୋଗଦେଇ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଏନେଇ ଏକ ବିଜୟ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କୃଷକଙ୍କ ସମସ୍ୟା ସମ୍ପର୍କିତ ୯ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଧୋବେଇ ନାୟକ ଓ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଅଦିନିଆ ବର୍ଷାରେ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସମ୍ପୂର୍ଣ ଭରଣା, ପଞ୍ଚାୟତ ନିର୍ବାଚନ ପୂର୍ବରୁ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ଟଙ୍କା ପ୍ରଦାନ, ଚାଷଜମିକୁ ଜଳସେଚନ ଆଦି ଦାବି ଅନ୍ତର୍ଭୁକ୍ତ। ବୈଠକରେ ଶତାଧିକ ଚାଷୀଙ୍କ ସମେତ ସୋମନାଥ ମହାପାତ୍ର, କାହ୍ନୁଚରଣ ବେହେରା, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟର ସଚେତନତା ଅଭିଯାନ




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଶପଥ ପାଠ କରାଉଛନ୍ତି।

**ବୋଲଗଡ଼,୨୦।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ପ୍ରଶାସନର ପରାମର୍ଶକ୍ରମେ ଜିଲାର ଡିଗ୍ରୀ କଲେଜରେ ଅଧ୍ୟୟନରତ ଶିକ୍ଷାର୍ଥୀଙ୍କୁ ସାଧାରଣ ଭୋଟଦାତା ଭାବେ ପଞ୍ଜୀକୃତ କରିବା ପାଇଁ ଭୋଟର ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ଶନିବାର ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରି ଏହି ଅଭିଯାନରେ ସାମିଲ ହୋଇ ପ୍ରତ୍ୟେକ ଭୋଟରଦାତା ନିଜର ନାଁ ପଞ୍ଜୀକରଣ କରିବାପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷ ପାଣିଗାହୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦାୟିତ୍ୱସମ୍ପନ୍ନ ନାଗରିକତାର ଶପଥ ପାଠ କରାଇଥିଲେ। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ଚରଣ ନାୟକ ମୁଖ୍ୟଅତିଥି, ତହସିଲଦାର ସନ୍ତୋଷିନୀ ଦାଶ ମୁଖ୍ୟ ବକ୍ତା, ଅତିରିକ୍ତ ବିଡିଓ ଡ.ରତିକାନ୍ତ ମିଶ୍ର, ଗ୍ରାମପଞ୍ଚାୟତ ଅଧିକାରୀ ସୌମ୍ୟରଞ୍ଜନ ରାୟ, ବ୍ଲକ୍ ପ୍ରକଳ୍ପ ସହାୟକ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ଓ ନୋଡାଲ ଅଧିକାରୀ ବିଭୁ ରଞ୍ଜନ ରଥ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସହଜ ନାଗରିକତ୍ୱ ଗ୍ରହଣର ବୈଷୟିକ ଦିଗ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଜୟନ୍ତ ବିଶ୍ୱାଳ, କର୍ମୋଦୟ ଛୋଟରାୟ, ଅଧ୍ୟାପକ ମିନୁସ୍ ମଲ୍ଲିକ, ଡ.ସୁଦର୍ଶନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ରୁପେଲି ସାହୁ ଧନ୍ୟବାଦ ଦେଇଥିଲେ।

## ‘ଦକ୍ଷତା ବୃଦ୍ଧି କରନ୍ତୁ ଯୁବ ଆଇନଜୀବୀ’

**କଟକ ଅଫିସ,୨୦।୧୧**

**ଏନ୍‌ଏଲ୍‌ୟୁର ସମାବର୍ତ୍ତନ ଉତ୍ସବ**

ସ୍ନାତକ କେବଳ ଏକ ପାଠ୍ୟକ୍ରମ ନୁହେଁ। ବାସ୍ତବିକ ଜୀବନରେ ଏହା ଏକ ପ୍ରକ୍ରିୟା। ଯାହା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚାଲିଥାଏ। ସ୍ନାତକ ଡିଗ୍ରୀ ହାସଲ କରିବାରେ ଅଧ୍ୟାପକଙ୍କ ଅବଦାନ ଓ ଅଭିଭାବକଙ୍କ ଭୂମିକା ଅତୁଳନୀୟ ବୋଲି ଶନିବାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି ଏ.ଏସ୍. ବୋପାନ୍ନା କହିଥିଲେ। ଏଥିସହ ଯୁବ ଆଇନଜୀବୀ ନିଜର ଦକ୍ଷତା ବୃଦ୍ଧି କରିବା ଓ ସମ୍ପ୍ରତି ଆଇନରେ ହୋଇଥିବା ସଂଶୋଧନ ବିଷୟରେ ଅବଗତ ହେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ବିଶ୍ୱବିଦ୍ୟାଳୟର ପରିଦର୍ଶକ ତଥା ସୁପ୍ରିମକୋର୍ଟ ବିଚାରପତି ଏ.ଏମ. ଖାନୱିଲକର ଉତ୍ସବରେ ପୌରୋହିତ୍ୟ କରି କହିଥିଲେ, ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ହେଉଛି ‘ସତ୍ୟ ସ୍ଥିତୋ ଧର୍ମ’। ଅର୍ଥାତ୍ ଆଇନ ‘ସତ୍ୟରେ ଅବସ୍ଥାନ କରେ’। ବିଶ୍ୱବିଦ୍ୟାଳୟର ଏହି ଆଭିମୁଖ୍ୟକୁ ଆଗକୁ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତବର୍ଷ ବିଶ୍ୱବିଦ୍ୟାଳୟରେ ୨୦୬ଜଣ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେଥିମଧ୍ୟରୁ ୩ଜଣ ଡକ୍ଟରେଟ ଡିଗ୍ରୀ, ୪୨ଜଣ ଏଲ୍‌ଏଲ୍‌ଏମ୍, ୧୦୮ଜଣ ବିଏଏଲ୍‌ଏଲ୍‌ବି ଓ ୫୦ଜଣ ବିବିଏ ଏଲ୍‌ଏଲ୍‌ବି ପାଠ୍ୟକ୍ରମର ଛାତ୍ର ଅଛନ୍ତି। ଏଥିସହ ଧନ୍ଦାମୂଳକ ପାଠ୍ୟକ୍ରମରେ ୩ଜଣଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଉତ୍ସବରେ ମୋଟ୍ ୨୧ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ କୁଳପତି ପ୍ରଫେସର ବେଦ କୁମାରୀ ଓ କୁଳସଚିବ ପ୍ରଫେସର ଯୋଗେଶ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା’

**ଖୋର୍ଦ୍ଧା ଅଫିସ,୨୦।୧୧**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧା ଶାଖା ପକ୍ଷରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ନଗର ସମ୍ପାଦିକା ଶୁଭଶ୍ରୀ ଦାସଙ୍କ ନେତୃତ୍ୱରେ ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ତଥା ନାରୀଶକ୍ତି ଦିବସ ଅବସରରେ ଋତୁମତି ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା କବିତା କହଁର, ସାମାଜିକ କର୍ମୀ ସବିତା ରାଣୀ ପୃଷ୍ଟି, ଅଧ୍ୟାପିକା ସୁହାନି ଦାସ ଅତିଥିଭାବେ ଯୋଗଦେଇ କହିଥିଲେ ଯୁବତୀ, ମହିଳାଙ୍କ ପାଇଁ ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା। ଏଥିପାଇଁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଏବିଭିପି ପକ୍ଷରୁ ରାଜ୍ୟରେ ମହିଳାଙ୍କ ଋତୁସ୍ରାବ ଉପରେ ଏହି ଅଭିଯାନ ଆଗାମୀ ଦିନରେ ବସ୍ତି, ଗ୍ରାମ ଏବଂ ଶିକ୍ଷାନୁଷ୍ଠାନରେ ଆୟୋଜନ କରି ସଚେତନତା ସୃଷ୍ଟି କରାଯିବ ବୋଲି ବିଦ୍ୟାର୍ଥୀ ପରିଷଦର ବିଭାଗ ଛାତ୍ରୀ ପ୍ରମୁଖ ମୈତ୍ରୀପ୍ରିୟା ସୁବୁଦ୍ଧି କହିଛନ୍ତି। ଅନ୍ନପୂର୍ଣ୍ଣା ସ୍ୱାଇଁ, ତୁଳସୀ ବିଶ୍ୱାଳ, ଶୁଭଶ୍ରୀ ମଙ୍ଗରାଜ, ରୂପାଞ୍ଜଳି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକା ତଟବର୍ତ୍ତୀ ଅଞ୍ଚଳରେ କଡ଼ା ସୁରକ୍ଷା

**ଛାଡ଼ଖାଇରେ ପକ୍ଷୀ ଶିକାର ଆଶଙ୍କା**

**କୃଷ୍ଣପ୍ରସାଦ,୨୦।୧୧(ଡି.ଏନ୍.ଏ)**





ବନ କର୍ମଚାରୀମାନେ ପକ୍ଷୀଙ୍କ ଉପରେ ନଜର ରଖିଛନ୍ତି।

ଶୀତ ପଡ଼ିଲେ ବିଦେଶାଗତ ପକ୍ଷୀଙ୍କ କଳରବରେ ଚିଲିକାର ପରିବେଶ ମୁଖରିତ ହୋଇଉଠେ। ଲକ୍ଷଲକ୍ଷ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିଥାଏ। ଏବେ ଶୀତର ପ୍ରଭାବ ଧିରେ ଧିରେ ବଢୁଥିବାରୁ ପକ୍ଷୀଙ୍କ ସମାଗମ ମଧ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀ ଅଭୟାରଣ୍ୟରେ ଖାଦ୍ୟ ଅଭାବ ଯୋଗୁ ବିଦେଶାଗତ ପକ୍ଷୀମାନେ ଚିଲିକା ତଟଦେଶରେ ଥିବା ପାରିକୁଦ, ଗୁରୁବାଇ, ଚିଲିକା, ନୂଆପଡ଼ା, ଅଁଳାକୁଦା, ସିପିଆ, ତିଛିଣି, ଖଟିଆକୁଦି, ଖୋଳାମୁହଁ ଅଞ୍ଚଳକୁ ଚାଲିଆସୁଛନ୍ତି। ଏସବୁ ଅଞ୍ଚଳରେ ପ୍ରଚୁର ମାତ୍ରାରେ ଦଳ ଓ କଇଁଫୁଲ ଖାଇବାକୁ ମିଳୁଛି। ବିଶେଷକରି ପାରିକୁଦ ଚିଲିକାର ତଟଦେଶସ୍ଥ ପାଞ୍ଚକୁଦି, ପାଣ୍ଠା, ଚିଖିଲି, ଚିତ୍ରକୋଟ, ବନମାଳ, ସୋଲାକୁଦି, ଚଟେଇକୋଣ ଆଦି ସ୍ଥାନରେ ମଧ ହଜାର ହଜାର ସଂଖ୍ୟାରେ ଏହି ପକ୍ଷୀମାନଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଛାଡ଼ଖାଇ ଅବସରରେ ମାଂସ ପିପାସୁ ଶିକାରୀମାନଙ୍କ କବଳରୁ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବନରାମ ପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପାରିକୁଦ ତଟଦେଶରେ ବନପାଳ ଜିତେନ୍ଦ୍ରୀୟ କୁମାର ଜେନା, ବନରକ୍ଷୀ ଅନିଲ କୁମାର ଲେଙ୍କା, ସୁରକ୍ଷାକର୍ମୀ ସନ୍ତୋଷ ସେଠୀ, ସାଧୁ ଚରଣ ସାହୁ, ସୌମ୍ୟରଞ୍ଜନ ବିଶ୍ୱାଳ, ଲଲାଟ ସ୍ୱାଇଁ, ସୁଶାନ୍ତ ସାହୁ, ଜୟନ୍ତ ଜେନା, ପ୍ରମୋଦ ବେହେରା, ଜ୍ଞାନ ସାହୁ ପ୍ରମୁଖ ଅଞ୍ଚଳ ପରିଦର୍ଶନରେ ସାମିଲ ହୋଇଛନ୍ତି। ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ନୂଆପଡ଼ା ରେଞ୍ଜର ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ବନପାଳ ମୀନା କୁମାରୀ ନାୟକଙ୍କ ନେତୃତ୍ୱରେ ବନରକ୍ଷୀ ତ୍ରିଲୋଚନ ମହାରଣା ଏବଂ ଅନ୍ୟ କର୍ମଚାରୀ ପକ୍ଷୀଙ୍କ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସେହିପରି ସାମୁଦ୍ରିକ କଇଁଛଙ୍କ ପାଇଁ ମଧ ବିଭାଗ ତରଫରୁ ଏଭଳି ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ବଜ୍ରକାପ୍ତା, ହଳଦୀ ପିଠିଆ ଶୁଆ ମୃତ

ବାରଙ୍ଗ,୨୦।୧୧(ଡି.ଏନ.ଏ.): ନନ୍ଦନକାନନ ପ୍ରାଣୀଉଦ୍ୟାନର ପାଦଚଲା ବିହଙ୍ଗ ସାରଣୀରେ ରହୁଥିବା ଏକ ହଳଦୀ ପିଠିଆ ଶୁଆର ଶନିବାର ସକାଳେ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ କିଛିଦିନ ହେବ ସେ ଅସୁସ୍ଥ ଥିବା ଦାୟିତ୍ୱରେ ଥିବା କର୍ମଚାରୀମାନେ କହିଛନ୍ତି। ତେବେ ଶନିବାର କର୍ମଚାରୀମାନେ ଶୁଆଟିକୁ ନେଇ ଚିକିତ୍ସା କରୁଥିଲେ ମଧ ବଞ୍ଚାଇପାରି ନ ଥିଲେ। ତେବେ ମୃତ ଶୁଆଟିର ଲିଙ୍ଗ ଚିହ୍ନଟ ହୋଇପାରି ନାହିଁ। ସେହିପରି ଶୁକ୍ରବାର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ରହୁଥିବା ଏକ ମାଈ ବଜ୍ରକାପ୍ତାର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ମୃତ ବଜ୍ରକାପ୍ତାଟିକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ମୋରମ ବୋଝେଇ ହାଇୱା, ଜେସିବି ଜବତ

ବାରଙ୍ଗ,୨୦।୧୧(ଡି.ଏନ.ଏ.): ଭୁବନେଶ୍ୱର ତହସିଲ ଓ ମେଣ୍ଢାଶାଳ ଫାଣ୍ଡି ପୋଲିସର ମିଳିତ ସହଯୋଗରେ ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ପିତାପଲ୍ଲୀ ରାସ୍ତାର ମେଣ୍ଢାଶାଳ ପେଟ୍ରୋଲପମ୍ପ ନିକଟରୁ ୨ଟି ମୋରମ ବୋଝେଇ ହାଇୱା ଓ ଗୋଟିଏ ଜେସିବିକୁ ଜବତ କରାଯାଇଛି। ଗତ କିଛିମାସ ଧରି ଏହି ଗାଡି ଦୁଇଟି ବିଲ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ରାତିଅଧିଆ ଜେସିବି ସହ ହାଇୱା ୨ଟିରେ ଚୋରାରେ ମୋରମ ଆଣି କାମ ଚାଲୁଥିଲା। ଏ ନେଇ ସ୍ଥାନୀୟ ଲୋକେ ଦେଖିବା ପରେ ସନ୍ଦେହ କରି ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ରାଜସ୍ୱ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଶେଷରେ ଲୋକେ ଭୁବନେଶ୍ୱର ସହକାରୀ ତହସିଲଦାର ଦୃଷ୍ଟିକୁ ଆଣିବା ପରେ ସେ ଚଢ଼ାଉ କରିଥିଲେ।

# ମୁଖ୍ୟ ଚିକିତ୍ସାଳୟରେ ହେବ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା

## ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା ଅଫିସ,୨୦।୧୧

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ମହାପାତ୍ର ଶନିବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ସପ୍ତାହକ ମଧ୍ୟରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପ୍ରର୍ଯ୍ୟାୟକ୍ରମେ କରାଯିବ ବୋଲି ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ମେଡିକାଲ ଅଫିସର ବିଶ୍ୱ ମୋହନ ମିଶ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ବୈକୁଣ୍ଠ ନାଥ ମହାପାତ୍ର, ବସନ୍ତ ଦାଶ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସାମାଜିକ କର୍ମୀ ରାମଶଙ୍କର, ଜ୍ଞାନରଞ୍ଜନ ଦାଶ, ବୈକୁଣ୍ଠନାଥ ରାଜଗୁରୁ, କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏଥିସହ ସିଡିଏମଓଙ୍କ କାର୍ଯ୍ୟାଳୟ ଆଗରେ ଆସନ୍ତା ୨୯ ତାରିଖ ଠାରୁ ଧାରଣା ଦେବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ସମେତ ପୁରୀ ଏବଂ ନୟାଗଡ଼ ଜିଲା ବାସିନ୍ଦା ନିର୍ଭର କରିଥାନ୍ତି। ଏଠାରେ ଦୀର୍ଘଦିନ ଧରି ଡାକ୍ତରଙ୍କ ଅଭାବ ଲାଗି ରହିଛି। ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍‌ପିଟାଲ ସ୍ଥାନାନ୍ତର କରାଯାଉଛି। ରାତିରେ ଆସୁଥିବା ପ୍ରସୂତିଙ୍କୁ ଗୁରୁତର ଥିବା ଦର୍ଶାଇ ଘରୋଇ କ୍ଲିନିକକୁ ସ୍ଥାନାନ୍ତର କରାଯାଉଛି। ଡ୍ୟୁଟି ସମୟରେ ଡାକ୍ତରମାନେ ଘରୋଇ କ୍ଲିନିକରେ କାର୍ଯ୍ୟ କରୁଛନ୍ତି। କେତେଜଣ ଡାକ୍ତର ନିଜ କ୍ୱାର୍ଟରକୁ କ୍ଲିନିକ୍‌ରେ ପରିଣତ କରିଛନ୍ତି। ମେଡିକାଲ ପରିସରର ଚାରିପଟେ ପାଚେରି ନ ଥିବାରୁ ଦଲାଲଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ଅଲଟ୍ରାସାଉଣ୍ଡ ମେଶିନ ଅଚଳ ହୋଇପଡିଛି। ହାଇ ଆଣ୍ଡ ପାଥୋଲାବ ରହିଛି। ତେବେ ଅଧିକାଂଶ ସମୟରେ ମେଶିନ ଅଚଳ ଯୋଗୁ ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି। ଚିକିତ୍ସା ପାଇଁ ବରିଷ୍ଠ ନାଗରିକ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡ଼ା ହେଉଛନ୍ତି। ପାର୍କିଂ ବ୍ୟବସ୍ଥା ନ ଥିବାର ଗାଡ଼ି ଚୋରି ହେଉଛି। ମୃତଦେହ ରଖିବା ପାଇଁ ଫ୍ରିଜର ବ୍ୟବସ୍ଥା ନାହିଁ। ସ୍ୱତନ୍ତ୍ର ପିଣ୍ଡି ନାହିଁ, ମୃତଦେହ ତଳେ ରଖାଯାଉଛି। ଟିକାଦାନ କେନ୍ଦ୍ର ପଛ ଏବଂ ମୃତଦେହ ବ୍ୟବଚ୍ଛେଦ ଗୃହ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଜ୍ୟବସ୍ତୁ ପକାଯାଉଛି। ପାହାଡ ଭଳି ଅଳିଆ ଆବର୍ଜନା ଗଦା ହୋଇ ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଉପରେ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।



ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ମହାପାତ୍ର ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରୁଛନ୍ତି।

### ଦୁର୍ଘଟଣା: ଯୁବକ ମୃତ

ବାରଙ୍ଗ,୨୦।୧୧(ଡି.ଏନ.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ଚନ୍ଦକା-ଖଣ୍ଡଗିରି ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଶନିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଭରତପୁର ଅଞ୍ଚଳର ବୋଲି ଜଣାପଡିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ମେଣ୍ଢାଶାଳରୁ ଚନ୍ଦକା ବାଇକ୍ ଯୋଗେ ଆସୁଥିଲେ। ହେଲେ ଚନ୍ଦକା ପାଖ ମୁଖ୍ୟ ରାସ୍ତାରେ ଏକ ଷଣ୍ଢ ରାସ୍ତାପାର ହେଉଥିବା ବେଳେ ଯୁବକ ଜଣକ ଧକ୍କା ଦେଇଥିଲେ। ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ, ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଚନ୍ଦକା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ସଅର ଜାତିକୁ ମାନ୍ୟତା ଦାବି

ବାରଙ୍ଗ/ଯାଁଳା,୨୦।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ କଣ୍ଟାବାଡ ଭାଗବତୀପୁର ଅଞ୍ଚଳରେ ଅଧିକାଂଶ ସଅର ଜାତିର ଲୋକେ ବାସ କରୁଛନ୍ତି। ସେମାନେ ଦୀର୍ଘବର୍ଷ ହେବ ସେଠାରେ ରହୁଥିବାବେଳେ ଜାତିଗତ ସମସ୍ୟା ସହ ବିଭିନ୍ନ ସରକାରୀ ସୁବିଧା, ଜାତି ପ୍ରମାଣପତ୍ର, ଶିକ୍ଷା କ୍ଷେତ୍ରରେ କୋଟା ସମସ୍ୟା ଆଦି ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ତେଣୁ ଏହି ସଅର ଜାତିର ମାନ୍ୟତା ଦାବି ସମ୍ପର୍କରେ ଆଦିବାସୀ ଶବର ସମାଜର ପାଖାପାଖି ୬୦ଜଣ ଆଦିବାସୀ ରାଜ୍ୟ ଅତିଥିଭବନକୁ ଯାଇ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଭେଟି ଜଣାଇଛନ୍ତି। ଏପରିକି ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ସହ ଆଲୋଚନା କରିବାସହ ଜାତିଗତ ସମସ୍ୟାର ସମାଧାନ ଲାଗି ଦାବି ରଖିଥିଲେ। ଏ ଅଞ୍ଚଳର କେଦାର ନାୟକ, ଉପେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜାନକୀ ଦେଇ, ଗୁଣ ଦେହୁରୀ, ଅଚ୍ୟୁତ ବେହେରା, ଅତୁଲ୍ୟ ନାୟକ, ପ୍ରମୋଦ ନାୟକ, କୁନା ନାୟକ, ପ୍ରଦୀପ ନାୟକ, ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ସମାଧାନ ଲାଗି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାର ଗ୍ରାମବାସୀ କହିଛନ୍ତି।

## ଗ୍ରାହକସେବା ଅଧିକାରୀ କହି ୨ ଲକ୍ଷ ଠକେଇ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଜଣେ ବ୍ୟକ୍ତିଙ୍କୁ ଏସ୍‌ବିଆଇ ଗ୍ରାହକସେବା ଅଧିକାରୀ ପରିଚୟ ଦେଇ ଆକାଉଣ୍ଟରୁ ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀଙ୍କ ଏସ୍‌ବିଆଇରେ ଆକାଉଣ୍ଟ ରହିଛି। ଟଙ୍କା ନେଣଦେଣକୁ ନେଇ ତାଙ୍କ ଆକାଉଣ୍ଟରେ ସମସ୍ୟା ଥିଲା। ଏ ନେଇ ଗ୍ରାହକସେବା ନମ୍ବରକୁ କଲ୍ କରିଥିଲେ। ହେଲେ ସେହି ନମ୍ବର ଜଣେ ସାଇବର ଠକ ଉଠାଇଥିଲେ। ଠକ ଜଣକ ଏସ୍‌ବିଆଇ ଗ୍ରାହକସେବା ଅଧିକାରୀ ପରିଚୟ ଦେଇ ସମସ୍ତ ତଥ୍ୟ ପଚାରି ବ୍ୟକ୍ତିଙ୍କ ଆକାଉଣ୍ଟରୁ ୨ଲକ୍ଷ ଟଙ୍କା ନେଇଯାଇଥିଲେ।

# ଆଜି ସ୍ୱତନ୍ତ୍ର ଭୋଟର ଅଭିଯାନ ଦିବସ

■ ୩୦ଯାଏ ଚାଲିବ ସଂଶୋଧନ ପ୍ରକ୍ରିୟା

■ ଜାନୁୟାରୀ ୫ରେ ଚୂଡ଼ାନ୍ତ ତାଲିକା ପ୍ରକାଶ

ଖୋର୍ଦ୍ଧା ଅଫିସ,୨୦।୧୧

ଭାରତର ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନାମା ଅନୁଯାୟୀ ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ-ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି। ଭୋଟର ହେଲ୍ପଲାଇନ ଆପ, ନ୍ୟାଶନାଲ ଭୋଟର ସର୍ଭିସ ପୋର୍ଟାଲ ଏବଂ ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରମାନେ ସେମାନଙ୍କ ତଥ୍ୟ ପାଇପାରିବେ। ଉପଜିଲାପାଳ ଓ ସମସ୍ତ ବିଡିଓଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି। କୌଣସି ଭୋଟର ଯେପରି ଭୋଟ ଦାନରୁ ବଞ୍ଚିତ ନ ହୁଅନ୍ତି ଏଥିନିମନ୍ତେ ରବିବାର ସ୍ୱତନ୍ତ୍ର ଅଭିଯାନ ଦିବସ ପାଳନ କରାଯିବ। ବୁଥ୍‌ସ୍ତରୀୟ ଅଧିକାରୀମାନେ ବୁଥ୍‌ଗୁଡିକରେ ଉପସ୍ଥିତ ରହିବେ। ସମସ୍ତ ଭୋଟର ଏହାର ସୁଯୋଗ ନେବା ପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଆହ୍ୱାନ କରିଛନ୍ତି। ନଭେମ୍ବର ୭ ଓ ୨୧ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ନିଆଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ଜାନୁୟାରୀ ପହିଲା ପର୍ଯ୍ୟନ୍ତ ୧୮ବର୍ଷ ବୟସ ହେଉଥିବା ପିଲାମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ଭୋଟର ତାଲିକାରୁ ନାମ ବାଦ, ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ ପାଇଁ ବୁଥ୍‌ସ୍ତରରେ ବିଏଲଓଙ୍କ ନିକଟରେ ଆବେଦନ କରିପାରିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୨୦ ସୁଦ୍ଧା ସମସ୍ତ ଅଭିଯୋଗର ସମାଧାନ କରାଯାଇ ଜାନୁୟାରୀ ୫ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।


**ODISHA NURSES & MIDWIVES REGISTRATION COUNCIL (ONMRC)**

**O/o Directorate of Medical Education & Training, Odisha Bhubaneswar**

**Notice**

No.E-650:- It has come to the notice of the undersigned that in many instances, the name of nursing faculties are shown by multiple nursing institutions and their certificates/documents are also shown to inspectors during inspection. Further, the nursing students are also shown as faculties along with their documents.

It is hereby informed to all concerned that in such cases action as deemed fit shall be initiated against the authority of the institution as well as the faculties/students.

Sd./- Registrar I/c (ONMRC)

OIPR-10016/11/0018/2122


### ୧୬ ମୋବାଇଲ୍ ପାଇଲେ ଅଭିଯୋଗକାରୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଭରତପୁର ଥାନା ପୋଲିସ ୨ଲୁଟେରାଙ୍କଠାରୁ ଜବତ କରିଥିବା ୧୬ ମୋବାଇଲ ଫୋନକୁ ଶନିବାର ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଛି। ମୋବାଇଲ ଇଏମଆଇ ନଂ ଓ ଅଭିଯୋଗକାରୀ ମାଲିକଙ୍କ ତାଲିକା ପ୍ରସ୍ତୁତ କରାଯାଇ ଜୋନ୍-୩ ଏସିପି ଭରତ ସାହୁଙ୍କ ଉପସ୍ଥିତିରେ ଅତିରିକ୍ତ ଥାନା ଅଧିକାରୀ ଚିରଞ୍ଜନ ରାଉତ ଓ ଏସ୍‌ଆଇ ବିଜୟ ଦାସ ସମସ୍ତଙ୍କୁ ମୋବାଇଲ ଫେରାଇଥିଲେ।

## ୧୬.୯ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

ବ୍ୟବସାୟରେ ନିବେଶ କଲେ ଅଧିକ ଲାଭ ହେବ ବୋଲି କହି ୧୬ଲକ୍ଷ ୯୦ହଜାର ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଚିତ୍ତରଞ୍ଜନ ସାମଲ। ସୂଚନା ମୁତାବକ, ଟଙ୍କପାଣି ଅଞ୍ଚଳରେ ରହୁଥିବା ଶିବ କୁମାର ମହାପାତ୍ରଙ୍କର ଏକ ଗ୍ରୋସରୀ ଦୋକାନ ରହିଥିଲା। ଅଭିଯୁକ୍ତ ଚିତ୍ତରଞ୍ଜନ ତାଙ୍କ ସମ୍ପର୍କୀୟ ହୋଇଥିବାବେଳେ ଘର ପାଖାପାଖି ଭଡ଼ାରେ ରହୁଥିଲେ। ତାଙ୍କ ଗ୍ରୋସରୀ ଦୋକନରେ ଅଧିକ ଲାଭ ହେବ ବୋଲି ଲୋଭ ଦେଖାଇ ଏକ ଘରୋଇ କମ୍ପାନୀରେ ନିବେଶ କରିବାକୁ କହି ତାଙ୍କଠାରୁ ଉକ୍ତ ଟଙ୍କା ନେଇଥିଲେ। ହେଲେ ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏପରିକି ଘର ବଦଳାଇ ଦେଇଥିଲେ। ଶେଷରେ ଶିବ କୁମାର ନିରାଶ ହୋଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୨/୨୧ରେ ମାମଲା ରୁଜୁ କର ଶନିବାର ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା।

## ୨୦ ବାଇକ୍ ଜବତ, ୫ ଗିରଫ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି କରୁଥିବା ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିଛି ଖଣ୍ଡଗିରି ଥାନାର ସ୍ପେଶାଲ ଟିମ୍। ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୦ରୁ ଊର୍ଦ୍ଧ୍ୱ ଚୋରି ବାଇକ୍ ଓ ମୋବଇଲ ଫୋନ ଜବତ କରାଯାଇଛି। ଏହି ଲୁଟେରାମାନେ ରାଜଧାନୀରୁ ବାଇକ୍ ଚୋରି କରି କନ୍ଧମାଳ, ନୟାଗଡ଼, ଗଞ୍ଜାମ, କୋରାପୁଟରେ ଶସ୍ତାରେ ବିକ୍ରି କରୁଛନ୍ତି। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ୨୦ରୁ ଅଧିକ ଚୋରି ବାଇକ୍ ବିଭିନ୍ନ ଜିଲାରୁ ପୋଲିସ ଜବତ କରିଛି। ଏହି ବଡ଼ ଗ୍ୟାଙ୍ଗକୁ ଧରିବା ପାଇଁ ପୋଲିସ ପ୍ରାୟତଃ ୨ ମାସହେବ ଚେଷ୍ଟା କରୁଥିବା ବେଳେ ତାହା ସଫଳ ହୋଇଛି।

## ଫୁଲବାଣୀରୁ କେନ୍ଦୁଝର ଗଞ୍ଜେଇ ଚୋରା ଚାଲାଣ ଧରାପଡ଼ିଲା

### ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)

ଫୁଲବାଣୀରୁ କେନ୍ଦୁଝରକୁ ଗଞ୍ଜେଇ ଚୋରା ଚାଲାଣବେଳେ ଜଣେ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳର ହଳଧର ଜେନା (୨୫)। ତାଙ୍କ ନିକଟରୁ ପୋଲିସ ୧୨.୭ କେଜି ଗଞ୍ଜେଇ ଓ ମୋବାଇଲ ଫୋନ ଜବତ କରିଛି। ପୋଲିସ ୩୪୯/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କନ୍ଧମାଳ ଜିଲାରୁ ବସ୍‌ରେ କଟକ ଓ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରାଯାଇ ଟ୍ରେନ୍‌ରେ ରାଜ୍ୟ ବାହାରକୁ ପଠାଯାଉଥିବା ଖବର ଭରତପୁର ଥାନା ପୋଲିସ ନିକଟରେ ପହଞ୍ଚିଥିଲା। ଶନିବାର ସକାଳେ ପୋଲିସ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଚଢାଉ କରି କନ୍ଧମାଳରୁ ଆସିଥିବା ବସ୍‌ରେ ଯାଞ୍ଚ କରିଥିଲେ। ଏହି ସମୟରେ ହଳଧରଙ୍କ ନିକଟରୁ ୧୨.୭ କେଜି ଗଞ୍ଜେଇ ପୋଲିସ ଜବତ କରିଥିଲା। ସେ ଫୁଲବାଣୀରୁ କେନ୍ଦୁଝରସ୍ଥିତ ନିଜ ଘରକୁ ଫେରୁଥିବାବେଳେ ଅର୍ଥାଭାବରୁ ଏହି ବେପାରକୁ ଆପଣାଇଥିବା ପୋଲିସକୁ କହିଥିଲେ।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**

**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**

**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 18508/IND-II-PH-946 ତାରିଖ 20.11.2021

No. CAD-1932

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିମିଟେଡ୍ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କଳମଙ୍ଗ ଏବଂ ଘୋଡ଼ାବୁଡାଣି ଗ୍ରାମ ଏବଂ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମରେ ୯୨.୮୭୫ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ପଶ୍ଚିମ କଳମଙ୍ଗ (ଉତ୍ତର ଭାଗ) ଲୌହ ପଥର ଖଣିରୁ ବାର୍ଷିକ ୨.୯୫ ନିୟୁତ ଟନ୍ (ଆର୍.ଓ.ଏମ୍.) (କେନ୍ଦୁଝର ଜିଲ୍ଲା ପାଇଁ) ଉତ୍ପାଦନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୩।୧୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ଗୁଆଳି ଗ୍ରାମପଞ୍ଚାୟତ, ରୁଗୁଡ଼ିହି ଥାନା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମ ସ୍ଥିତ ଖାତା ନଂ. ୪୮ ଅନ୍ତର୍ଗତ ପ୍ଲଟ୍ ନଂ.୧୯୪୦ରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA. III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।

୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।

୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।

୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।

୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର**।

୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0189/2122



**ଓଡ଼ିଶା ସରକାର**

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ**

**ଓଡ଼ିଶା, ଭୁବନେଶ୍ୱର**

**ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ବିଜ୍ଞପ୍ତି**

No. PP-71:- ଚଳିତ ଆର୍ଥିକବର୍ଷ (୨୦୨୧-୨୨) ପାଇଁ ନିମ୍ନଲିଖିତ ପ୍ରଦର୍ଶନୀରେ ଭାଗ ନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀମାନେ **ତା୩୦।୧୧।୨୦୨୧ରିଖ** ସୁଦ୍ଧା ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | **ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା** | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୧ |
| ୨ | **ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ** | ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର | ଫେବୃୟାରୀ, ୨୦୨୨ |

ଆବେଦନକାରୀ ପ୍ରଦର୍ଶନୀର ନାମ, ଠିକଣା, ମୋବାଇଲ ନମ୍ବର, ପିତା/ସ୍ୱାମୀଙ୍କ ନାମ, ହସ୍ତଶିଳ୍ପର ନାମ, ଆନୁମାନିକ ସାମଗ୍ରୀର ପରିମାଣ, କାରିଗର ପରିଚୟପତ୍ର, ଆଧାର ନମ୍ବର, ଜାତୀୟ / ରାଜ୍ୟସ୍ତରୀୟ ପୁରସ୍କାର ବିବରଣୀ ଇତ୍ୟାଦି ସାଦା କାଗଜରେ ବା **Website - http://crafts.odisha.gov.in**ରୁ ଡାଉନଲୋଡ୍ କରି ଦାଖଲ କରିପାରିବେ । ଉପରୋକ୍ତ ପ୍ରଦର୍ଶନୀ ପାଇଁ ଅଲଗା ଫର୍ମରେ ଆବେଦନ କରିବେ । ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଦରଖାସ୍ତଗୁଡ଼ିକୁ ଯାଞ୍ଚ କରି ଯୋଗ୍ୟ ବିବେଚିତ କାରିଗରଙ୍କ ତାଲିକା ହସ୍ତଶିଳ୍ପ ନିର୍ଦ୍ଦେଶାଳୟକୁ ପଠାଇବେ ।

ବି.ଦ୍ର.:- ପ୍ରଦର୍ଶନୀର ଆୟୋଜନ **COVID-19**କୁ ଦୃଷ୍ଟିରେ ରଖି ସରକାରଙ୍କ ଅନୁମତିପ୍ରାପ୍ତି ପରେ ହିଁ ଦୃଢ଼ୀକରଣ ହେବ ।

**ନିର୍ଦ୍ଦେଶକ**

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

OIPR-14008/11/0002/2122

## ଆକ୍ରମଣ କରି ଜଣେ ଗିରଫ

ପୁରୀ ଅଫିସ- ଯୁବକଙ୍କୁ ସଂଘବଦ୍ଧ କରି ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିକୁଦ ରାମଚଣ୍ଡି ସାହିର ରଞ୍ଜନ ମହାନ୍ତି। ପୋଲିସ ଏ ନେଇ ନଂ. ୪୨୩/୨୧ରେ ମାମଲା ରୁଜୁ କରିଛି। ଏହି ଥାନା ଅଞ୍ଚଳର ସଞ୍ଜୁ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖରେ ତାଙ୍କ ପୁଅକୁ କୌଣସି କାରଣକୁ ନେଇ ଘର ପାଖର ରଞ୍ଜନଙ୍କ ସହ ୨ଜଣ ମିଶି ଘରୁ ଡାକି ନେଇ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏପରିକି ଘର ଲୋକଙ୍କୁ ମାରିଦେବା ପାଇଁ ଅଭିଯୁକ୍ତମାନେ କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଥିଲେ।

# ୪୮ ସ୍ମାର୍ଟ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ/ନିମାପଡ଼ା/ଡେଲାଙ୍ଗ, ୨୦।୧୧:(ଡି.ଏନ୍.ଏ)**

ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ରୂପାନ୍ତରଣ ହୋଇଥିବା ପୁରୀ ଜିଲାର ୪୮ଟି ସ୍ମାର୍ଟ ସ୍କୁଲକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଭର୍ଚୁଆଲ୍ ମୋଡ୍‌ରେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସ୍କୁଲଗୁଡ଼ିକୁ ଲୋକାର୍ପଣ କରି କହିଥିଲେ, ଏହାଦ୍ୱାରା ସହର ଓ ଗାଁର ବିଦ୍ୟାଳୟ ମଧ୍ୟରେ ଥିବା ପ୍ରଭେଦ ଦୂର ହୋଇପାରିଛି। ଗାଁ ବିଦ୍ୟାଳୟରେ ସହରର ବେସରକାରୀ ସ୍କୁଲ ଭଳି ସୁବିଧା ମିଳିପାରିଛି। ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କ ସ୍ୱପ୍ନ ପୂରଣ ଦିଗରେ ଏହି ୫-ଟି ବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିବ। ସ୍କୁଲରେ ଦେଶର ଭବିଷ୍ୟତ ତିଆରି ହୁଅନ୍ତି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଇଞ୍ଜିନିୟରିଂ ଓ ଡାକ୍ତରୀ ପାଠପଢ଼ା କ୍ଷେତ୍ରରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଛନ୍ତି, ଯାହା ଗାଁ ସ୍କୁଲର ଛାତ୍ରୀଛାତ୍ରଙ୍କୁ ବିଶେଷ ସହାୟକ ହେବ। ଶିକ୍ଷା ବିକାଶ କ୍ଷେତ୍ରରେ ଆଜି ଦିନଟି ସବୁବେଳେ ସ୍ୱତନ୍ତ୍ର ହୋଇ ରହିବ। ସ୍କୁଲ ରୂପାନ୍ତର ହେଉଛି ୫-ଟି କାର୍ଯ୍ୟକ୍ରମର ଶ୍ରେଷ୍ଠ ଉଦାହରଣ। ପୁରୀର ଛାତ୍ରୀ ଅପର୍ଣ୍ଣା ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଭିତ୍ତିଭୂମି, ଶିକ୍ଷାର ମାନ ଓ ଶୈକ୍ଷିକ ପରିବେଶ ସମ୍ପର୍କରେ ପଚାରି ବୁଝିବା ସହ ଭଲ ପାଠ ପଢ଼ି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ୫-ଟି ବ୍ୟବସ୍ଥାରେ ପୁରୀ ଜିଲାର ୪୮ ବିଦ୍ୟାଳୟ ନବୀକରଣ ହୋଇଛି। ଏଥିମଧ୍ୟରେ ପୁରୀ ସଦର, ନିମାପଡ଼ା, ପିପିଲି ଓ ବ୍ରହ୍ମଗିରିର ୬ଟି ଲେଖାଏ, ଗୋପର ୫, କଣାସ ଓ ଡେଲାଙ୍ଗର ୪ଟି ଲେଖାଏ, ଅସ୍ତରଙ୍ଗ, କୃଷ୍ଣପ୍ରସାଦ ଓ ସତ୍ୟବାଦୀର ୩ଟି ଲେଖାଏ ଏବଂ କାକଟପୁରର ୨ଟି ବିଦ୍ୟାଳୟ ସାମିଲ ହୋଇଛି। ଏହି




ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ଛାତ୍ରୀ ଅପର୍ଣ୍ଣା ପଣ୍ଡାଙ୍କ ସହ କଥା ହେଲେ

କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ପୁରୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପୁରୀ ଏମ୍‌ପି ପିନାକୀ ମିଶ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।




'ଶିଶୁ ସମାଚାର' ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

# 'ଶିଶୁ ଅଧିକାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ'

**ପୁରୀ ଅଫିସ, ୨୦।୧୧:**

ପୁରୀ ଗୌଡ଼ବାଡ଼ ସାହିସ୍ଥିତ ସୁଖଲତା ସ୍ମୃତି ଉଚ୍ଚ ସରକାରୀ ବିଦ୍ୟାଳୟ ପରିସରରେ ଶନିବାର ମାସିକ ଶିଶୁ ସମ୍ବାଦପତ୍ର 'ଶିଶୁ ସମାଚାର' ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧିବକ୍ତା ଶରତ କୁମାର ରାୟଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ଏବଂ ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ଇଣ୍ଡିଆନ ବ୍ୟାଙ୍କ ପୁରୀ ଶାଖା ପ୍ରବନ୍ଧକ ସୁନିଲ ପ୍ରଭାକର ରଥ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ଏବଂ ଶିଶୁ ଅତିଥି ସମ୍ପର୍କ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଶିଶୁ ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାରେ ସମସ୍ତ ନାଗରିକ, ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଶିଶୁ ଅଧିକାର କ୍ଷୁର୍ଣ୍ଣ କରୁଥିବା ବ୍ୟକ୍ତି, ଅନୁଷ୍ଠାନ ବିରୋଧରେ ସ୍ୱର ଉତ୍ତୋଳନ ହେବା ଆବଶ୍ୟକ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ, ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶିବ ଶୁନ୍ଦର ମିଶ୍ର ସ୍ୱାଗତ ଭାଷଣ ଓ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାଧୀନ କୁମାର ପଣ୍ଡା, ସତ୍ୟ ନାରାୟଣ ସାହୁ, ରଶ୍ମିରେଖା ସାମନ୍ତରାୟ, ଦୀପ୍ତି ମିଶ୍ର, କାହ୍ନୁ ଚରଣ ଦାଶ, ବନିତା ଦୀକ୍ଷିତ, ଶୁଭଜିତ୍ ପଣ୍ଡା ଏବଂ ସତ୍ୟ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

**ପୁରୀ ଅଫିସ, ୨୦।୧୧:**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଶନିବାର ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଗଞ୍ଜାମ ଜିଲାର ୫୫ଟି ଗ୍ରାମ ଓ ପୁରୀ ଜିଲା ଚିଲିକା ପାର୍ଶ୍ୱସ୍ଥ କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତ ଅଧୀନ ୯୨ଟି ଗ୍ରାମର ଲୋକେ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ବସୁଧା ଯୋଜନା ମାଧ୍ୟମରେ ଋଷିକୁଲ୍ୟା ନଦୀର କଂସାରୀ ଗଣ୍ଡରୁ ପାଣି ଆଣି ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷ୍ଣପ୍ରସାଦଠାରେ ଏହି ବୃହତ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପରୁ ରାମଲେଙ୍କା, ବଜ୍ରକୋଟ, ମାଲୁଦ, ବୁଦ୍ଧିବର, ବଡଅଁଳ, ସିଆଳ, ସିଆଣ୍ଡି, କୃଷ୍ଣପ୍ରସାଦ, ଅଲଣ୍ଡା, ତିତିପ, ଗୋମୁଣ୍ଡିଆ, ବଡ଼ଝାଡ଼, ଚିଲିକା ନୂଆପଡ଼ା ଓ ବ୍ରହ୍ମପୁର ପଞ୍ଚାୟତର ୯୨ଟି ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ। ଉକ୍ତ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଦାସବର୍ମା ସମୀକ୍ଷା କରିଛନ୍ତି। ବଡ଼ଅଁଳ, ବଡ଼ ଖଟିଆକୁଦି, କୃଷ୍ଣପ୍ରସାଦର ପାଇକ ସାହି, ସାନଅଁଳ ଓ କୁରୁପାଳ ଗ୍ରାମକୁ ପିଇବା ପାଣି ଯୋଗାଇବା ଲାଗି ସୃଷ୍ଟି ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଦାସବର୍ମା ପରାମର୍ଶ ଦେଇଛନ୍ତି। ଅଲଣ୍ଡା ଓ ସିଆଣ୍ଡି ଗ୍ରାମର ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଦାସବର୍ମା ୧୧ଟି ପଞ୍ଚାୟତର କ୍ଷେତ୍ର ପରିଦର୍ଶନକରି ନିର୍ମାଣାଧୀନ ସମସ୍ତ ଓଭରହେଡ୍ ଟ୍ୟାଙ୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ କହିଛନ୍ତି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ସର୍ବେଶ୍ୱର ବାରିକ, ଉପସର୍ବୋଚ୍ଚ ଯନ୍ତ୍ରୀ ସର୍ବେଶ୍ୱର ମହାପାତ୍ର, ପୁରୀ ଜିଲା ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏମ୍‌ପିଙ୍କୁ ଭେଟିଲେ 'ଜଗନ୍ନାଥ ପୁରୀ' ପ୍ରତିନିଧି ଦଳ



ଏମ୍‌ପି ପିନାକୀ ମିଶ୍ରଙ୍କୁ ଜଗନ୍ନାଥ ପୁରୀ ପ୍ରତିନିଧି ଦଳର ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

**ପୁରୀ ଅଫିସ, ୨୦।୧୧:**

ପୁରୀ ସହରର ନାମକରଣକୁ ନେଇ କିଛି ଦିନ ହେବ ଚର୍ଚ୍ଚା ଜୋର ଧରିବାରେ ଲାଗିଛି। ପୁରୀର କେତେକ ଅନୁଷ୍ଠାନ ସମେତ ଅନେକ ବୁଦ୍ଧିଜୀବୀ ପୁରୀ ସରରର ନାମ ଆଗରେ ମହାପ୍ରଭୁଙ୍କ ନାମ ଯୋଡ଼ି ଶ୍ରୀଜଗନ୍ନାଥ ଧାମ ପୁରୀ କିମ୍ବା ଶ୍ରୀଜଗନ୍ନାଥ ପୁରୀ କରିବା ପାଇଁ ଦାବି କରି ବିଭିନ୍ନ ତଥ୍ୟ ଉପସ୍ଥାପନ କରୁଛନ୍ତି। ଅନ୍ୟପକ୍ଷରେ କେତେକ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ପୁରୀ ନାମ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନ ଥିବା ଦର୍ଶାଇଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ନାମକୁ ସମୃଦ୍ଧ କରିବା ପାଇଁ ପୁରୀ ନାମ ଆଗରେ ମହାପ୍ରଭୁଙ୍କ ନାମ ଯୋଡ଼ି ପୁରୀ ଜିଲାର ନାମ 'ଜଗନ୍ନାଥ ପୁରୀ' କରିବା ପାଇଁ ଏମ୍‌ପି ପିନାକୀ ମିଶ୍ରଙ୍କୁ ଶନିବାର ଏକ ପ୍ରତିନିଧି ଦଳ ଭେଟି ଦାବି କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଏମ୍‌ପି ମିଶ୍ରଙ୍କ ସହ ବଦ୍ରି ମିଶ୍ର, ରାଜେଶ ମହାନ୍ତି, ମନୋଜ ରଥ, ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର ଏବଂ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଏ ନେଇ ଆଲୋଚନା କରିଥିଲେ।

# ଅଧାପନ୍ତରିଆ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଦର୍ଶାଇଲେ

**ଗୋପ,୨୦।୧୧(ଡି.ଏନ୍.ଏ.)**

### ସ୍ମାର୍ଟ ବିଦ୍ୟାଳୟ ଲୋକାର୍ପିତ

ଗୋପ ବ୍ଲକର ୬ଟି ସ୍ମାର୍ଟ ବିଦ୍ୟାଳୟ ମଧ୍ୟରୁ ୫ଟି ବିଦ୍ୟାଳୟକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଲୋକାର୍ପଣ ହୋଇଥିଲା। ହେଲେ ଏହି ୫ଟି ସ୍ମାର୍ଟ କାର୍ଯ୍ୟ ଅଧାପନ୍ତରିଆ ହୋଇଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଦର୍ଶାଯାଇଛି। ଏପରିକି ଲୋକାର୍ପଣ ପୂର୍ବରୁ ତରବରିଆ ଭାବେ ବିଦ୍ୟାଳୟଗୁଡ଼ିକୁ ଉପରୁ ରଙ୍ଗ ବୋଳି ଦିଆଯାଇଥିବା ଅଭିଯୋଗ ହୋଇଛି। ବ୍ଲକର ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ନୟାହାଟ ଉଚ୍ଚ ବିଦ୍ୟାଳୟ, ନାରାୟଣୀ ଉଚ୍ଚ ବିଦ୍ୟାଳୟ ନାଗପୁର, ବାଲିଆର ସତ୍ୟ ନାରାୟଣ ବିଦ୍ୟାପୀଠ ଓ ଜାଉଁଳିର ବିଦ୍ୟାପୀଠକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରଣ କରାଯାଇଛି। ହେଲେ ନିଗମାନନ୍ଦ, କୋଣାର୍କ, ନୟାହାଟ, ବାଲିଆ ଓ ନାଗପୁର ସ୍କୁଲ କାର୍ଯ୍ୟ ନ ସାରି ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ପ୍ରାୟ ସ୍କୁଲର ସ୍ମାର୍ଟ କ୍ଲାସ ରୁମ୍ ଭିତର ପାର୍ଶ୍ୱ କାର୍ଯ୍ୟ ସରିନି, ଛାତ୍ରୀଛାତ୍ରଙ୍କ ଲାଗି ପାନୀୟଜଳ ବ୍ୟବସ୍ଥା ହୋଇନି, ବିଦ୍ୟାଳୟର ଆଜବେଷ୍ଟସରେ ଫାଟ ରହିଥିବା ଅଭିଯୋଗ ହୋଇଛି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନାଗପୁରସ୍ଥିତ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟ ସରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ଏହି ୨ ଦିନ ପରେ ସେହି ସ୍କୁଲ କିଭଳି ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହା ଉପରେ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ଯନ୍ତ୍ରୀଙ୍କ ତଥ୍ୟ ଆଧାରରେ ବିଦ୍ୟାଳୟ ସମ୍ପୂର୍ଣ୍ଣ ଦର୍ଶାଯାଇଥିବା ଜିଲା ପ୍ରଶାସନକୁ ତଥ୍ୟ ଦିଆଯାଇଛି। ଯଦି କୌଣସି ଗୃହ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥାଏ, ତେବେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ପଦକ୍ଷେପ ନିଆଯିବ।



ଅଧାପନ୍ତରିଆ ଥିବା ନାଗପୁରସ୍ଥିତ ନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟ।

# ନାମ ପରିବର୍ତ୍ତନ ଦାବିର ପ୍ରାସଙ୍ଗିକତା ନାହିଁ

**ପୁରୀ ଅଫିସ,୨୦।୧୧:**

### ମତ ରଖିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ପୁରୀ ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରେ ସମର୍ଥନ ଓ ବିରୋଧ ଜାରି ରହିଛି। ଶନିବାର ପୁରୀଠାରେ ଆୟୋଜିତ ୫-ଟି ବ୍ୟବସ୍ଥା ଅଧୀନ ସ୍ମାର୍ଟ ସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମ ଆଗରେ ଏ ନେଇ ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିଜ ମତ ରଖିଛନ୍ତି। ପୁରୀ ନାମ ପରିବର୍ତ୍ତନ ଦାବି ଅନାବଶ୍ୟକ ବୋଲି ସେ କହିଛନ୍ତି। ମନ୍ତ୍ରୀ ଦାଶ କହିଛନ୍ତି, ଏଭଳି ଦାବିର ଆବଶ୍ୟକତା କିମ୍ବା ଯଥାର୍ଥତା ନାହିଁ। ପୁରୀ କହିଲେ ଜଗନ୍ନାଥ, ଜଗନ୍ନାଥ କହିଲେ ପୁରୀ। ଏହାକୁ ନେଇ ଚର୍ଚ୍ଚା ନ ହେବା ଦରକାର। ଏଭଳି ଦାବିରେ କୌଣସି ପ୍ରାସଙ୍ଗିକତା ଥିବା ମୋତେ ଅନୁଭବ ହେଉନାହିଁ। ସେହିଭଳି ପୁରୀ ରେଳଷ୍ଟେଶନର ନାମ ପରିବର୍ତ୍ତନ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିବା ବେଳେ ରାଜ୍ୟ ସରକାର ଏହା ଉପରେ ଯାହା ନିଷ୍ପତ୍ତି ନେବା କଥା ନେବେ। ସେ ସମ୍ପର୍କରେ ଏବେ ଠାରୁ ଟିପ୍ପଣୀ ଦେବା ଉଚିତ୍ ହେବ ନାହିଁ ବୋଲି ମନ୍ତ୍ରୀ ଦାଶ ପ୍ରକାଶ କରିଛନ୍ତି।

# ପୁରୀ ନାମ ପରିବର୍ତ୍ତନକୁ ବିରୋଧ

**ପୁରୀ ଅଫିସ,୨୦।୧୧:**

ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ 'ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ବିରୋଧ ଜାରି ରହିଥିବା ବେଳେ ରବିବାରଠାରୁ ଏହି ପରିପ୍ରେକ୍ଷୀରେ ଲୋକସମ୍ପର୍କ ପଦଯାତ୍ରା ଆରମ୍ଭ ହେବାକୁ ଯାଉଛି। ଲୋକ ସମ୍ପର୍କ ପଦଯାତ୍ରା ଜରିଆରେ ପୁରୀ ଜିଲାରେ ଜନମତ ସଂଗ୍ରହ କରାଯିବ ଓ ନାମ ପରିବର୍ତ୍ତନ ଦ୍ୱାରା ପୁରୀ ସହରବାସୀଙ୍କର କେଉଁ କେଉଁ ଅସୁବିଧା ହେବ ସେସମ୍ପର୍କରେ ସୂଚନା ଦିଆଯିବ।

ସାମାଜିକ ଅନୁଷ୍ଠାନଗୁଡ଼ିକ ପୁରୀର ନାମ ପରିବର୍ତ୍ତନକୁ ନେଇ ଦୁଇ ଭାଗ ହୋଇ ସାରିଥିବାବେଳେ ବାସ୍ତବରେ ପୁରୀବାସୀ କ'ଣ ଚାହୁଁଛନ୍ତି ତାହା ଜାଣିବାକୁ ପ୍ରୟାସ କରାଯିବ ବୋଲି କମିଟିର ସଦସ୍ୟ ତଥା ଜିଲା ଅଧିବକ୍ତା ସଂଘର ସଭାପତି ବିଶ୍ୱଜିତ୍ ପ୍ରଧାନ କହିଛନ୍ତି। ପୁରୀର ନାମ ନୂଆ ନୁହେଁ ବରଂ ସ୍କନ୍ଦ ପୁରାଣରେ ମଧ୍ୟ ଏସମ୍ପର୍କରେ ବର୍ଣ୍ଣିତ ଥିବା ନେଇ ପଣ୍ଡିତ ସୂର୍ଯ୍ୟନାରାୟଣ ରଥ ସୂଚନା ଦେଇଛନ୍ତି। ସାମାଜିକକର୍ମୀ ଚିନ୍ମୟ ଦାସ କହିଛନ୍ତି, ପୁରୀର ନାମ ପରିବର୍ତ୍ତନ ହେଲେ ରାଜସ୍ୱ ବିଭାଗର ଦସ୍ତାବିଜ୍‌ରେ ମଧ୍ୟ ନାମ ପରିବର୍ତ୍ତନ କରିବାକୁ ପଡ଼ିବ। ଅର୍ଥାତ୍ ଜିଲାର ବାସିନ୍ଦାମାନେ ନିଜର ସମସ୍ତ ସରକାରୀ କାଗଜପତ୍ରକୁ ନବୀକରଣ କରାଇବେ। ଏପରି କି ନାମ ପରିବର୍ତ୍ତନକୁ ସମୟ ଲାଗିବା କାରଣରୁ ଅନେକ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ ଅଟକିବ। ଏଣୁ ପୁରୀ ଜିଲାର ଲୋକେ ବାସ୍ତବରେ ଏଭଳି ପରିବର୍ତ୍ତନ ପାଇଁ ପ୍ରସ୍ତୁତ ଅଛନ୍ତି କି ନାହିଁ ତାହା ଜାଣିବା ଦରକାର। ପୁରୀ ସହରରେ ଶନିବାର ସନ୍ଧ୍ୟାରେ କମିଟି ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ପୁରୀର ନାମ ପରିବର୍ତ୍ତନ ଦ୍ୱାରା କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ସେ ସମ୍ପର୍କରେ ସୂଚନା ଦିଆଯାଇଛି। ଏ ନେଇ 'ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ଆଲୋକ ଦାସ, ଅନୀଲ କୁମାର ସାହୁ, ସୁଧାଂଶୁ ଜେନା, ବିଶ୍ୱଜିତ ପ୍ରଧାନ, ସୂର୍ଯ୍ୟନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ 'ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି' କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୧।୨୦୨୧

| ୩,୫୩,୧୫୯ ଟଙ୍କା | |
|---|---|
| ସୁନା | ୨.୩୦୦ ଗ୍ରାମ |
| ରୁପା | ୪୨.୮୦୦ ଗ୍ରାମ |

## ସଂକ୍ଷେପରେ

### କୃଷି, କୃଷକଙ୍କ ବିକାଶ ପାଇଁ ବୈଠକ

କଣାସ ,୨୦।୧୧(ସ୍ୱ.ପ୍ର.): କୃଷି ଓ କୃଷକଙ୍କ ଜୀବନ ଜୀବିକା ଉନ୍ନତି ପାଇଁ କଣାସ ବ୍ଲକ ଅଞ୍ଚଳରେ ଏକେଏସ୍‌ଏସ ଦ୍ୱାରା ପ୍ରତିଷ୍ଠିତ କଣାସ କୃଷି ଉତ୍ପାଦକ କମ୍ପାନୀ ସହ ହାଇଡେନମେଣ୍ଟ କମ୍ପାନୀର ୨ଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଚାଷ କାର୍ଯ୍ୟ ବିକାଶ ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିସହ କୃଷି ଉତ୍ପାଦକ କମ୍ପାନୀ ସହ ହାଇଡେନମେଣ୍ଟ କମ୍ପାନୀର ଏକ ଚୁକ୍ତିବଦ୍ଧ ହୋଇଛି। ପରେ କଣାସ କୃଷି ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଓ କୃଷି ବିଶାରଦ ଏବଂ ଅଞ୍ଚଳର ଅଭିଜ୍ଞତା ସମ୍ପନ୍ନ କୃଷକଙ୍କ ସହିତ ପୃଥକ ଆଲୋଚନା ହୋଇଥିଲା। ଏଥିରେ ହାଇଡେନମେଣ୍ଟର ମୁଖ୍ୟ ଭାସ୍କର ରଙ୍ଗରାଜନ ଏବଂ କାର୍ଯ୍ୟକାରୀ ଉପସଭାପତି ଶିବପ୍ରସାଦ ଚୋଲ କୃଷକଙ୍କ କୃଷି ଉତ୍ପାଦନ ୨ଗୁଣା କରିବା ସହ ଉତ୍ପାଦନକୁ ବିକ୍ରିକରିବା, କୃଷକଙ୍କୁ ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ, ପାଣିପାଗ ପରିଚାଳନା ସ୍ଥାପନା, କୃଷି ଯନ୍ତ୍ରପାତି ଯୋଗାଣ ଆଦି ଉଦ୍ୟମରେ ଚାଷକୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି କରିଥିଲେ। ଏଥିସହ କୃଷୀଙ୍କୁ ଋଣ ପ୍ରଦାନ କରାଯିବାକୁ ଥିବାବେଳେ ୨ହଜାର ପରିବାରଙ୍କୁ ଏଥିରେ ସାମିଲ କରାଯିବ। କାର୍ଯ୍ୟକ୍ରମରେ ସତ୍ୟପ୍ରଦୀପ୍ତ ରାୟ, ରାଧାଶ୍ୟାମ ବିଶ୍ୱାଳ, ରବୀନ୍ଦ୍ର ରାଉତରାୟ, ପ୍ରକାଶ ଶ୍ରୀଚନ୍ଦନ ଅଧାପକ ପ୍ରେମାନନ୍ଦ ଜାଲି, ବିଶ୍ୱଜିତ ପଣ୍ଡା, ବିଜୟ ଜେନା, ତ୍ରିନାଥ ଛୋଟରାୟ, ବୋଲଗଡ଼ କୃଷି ଉତ୍ପାଦକ କମ୍ପାନୀର ଅଭୟ ଜୟସିଂହ, ପ୍ରତାପ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ରଜନୀକାନ୍ତ ପାଢୀ, ପବିତ୍ର ସୁନ୍ଦରାୟ, ସୁଜାତା ବାହୁବଳେନ୍ଦ୍ର, ଗୌରୀ ଦାସ, କୃପାସିନ୍ଧୁ ପାଇକରାୟ, ସଂଯୁକ୍ତ ପ୍ରଧାନ, ଉପେନ୍ଦ୍ର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାଇ ମନ୍ଦିର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୨୦।୧୧(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକର ପିରଜାହାନିଆ ବେଳାଭୂମି ନିକଟରେ ଥିବା (ସିରିଡି ସାଇ) ମନ୍ଦିରର ୧୧ତମ ବାର୍ଷିକୋତ୍ସବ କଟକଣା ମଧ୍ୟରେ ପାଳିତ ହୋଇଛି। ସାଇମନ୍ଦିର ମୁଖ୍ୟ ଟ୍ରଷ୍ଟି ଖବରଦାତା ଦୁଃଶାସନ ନାୟକ ମୁଖ୍ୟ କର୍ତ୍ତା ଭାବେ ଯୋଗ ଦେଇଥିବାବେଳେ ୩ଜଣ ପଣ୍ଡିତ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ବାବାଜୀ ଶିଶିରକାନ୍ତଙ୍କ ଦ୍ୱାରା ସମୁଦ୍ର ଆଳତି କରାଯାଇଥିଲା। ସାଇ ପୀଠ ଓ ପିର ଜାହାଁନିଆ ପୀଠର ଉନ୍ନତି ନେଇ ନାୟକଙ୍କ ଉଦ୍ୟମକୁ କୋଣାର୍କ ବାଲିଦୋକାନର ମୈତ୍ରହୀ ସାହିତ୍ୟ ସାଂସଦ ତରଫରୁ ପ୍ରଶଂସା କରାଯାଇଛି। ଏଥିସହ ସାଂସଦର ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଖବରଦାତା ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ତ୍ରିଲୋଚନ ବେହେରା, ସଂଗ୍ରାମ ଦାସ, ସରୋଜିନୀ ନାୟକ, ଭଦ୍ରାବତୀ ନାୟକ, ବାନାମ୍ବର ବେହେରା, ଯୁଧିଷ୍ଠିର ବେହେରାଙ୍କ ସମେତ ଆଖପାଖ ଗ୍ରାମର ମହିଳାପୁରୁଷମାନେ ଯଜ୍ଞରେ ଉପସ୍ଥିତ ଥିଲେ।

### ଲୋକାପାଳରେ ବାଦୀପାଲା

କଣାସ,୨୦।୧୧(ସ୍ୱ.ପ୍ର)- ବର୍ଷପରି ଚଳିତବର୍ଷ କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତ ଅନ୍ତର୍ଗତ ଲୋକପାଳ ଗ୍ରାମସ୍ଥିତ ପଶ୍ଚିମାମୁଖୀ ଦ୍ୱାରିନାରାୟଣୀ ଠାକୁରାଣୀଙ୍କ ପରିସରରେ ଏକ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଏହି ବାଦୀପାଲା ଗତ ୧୭ ତାରିଖରେ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଦୀପାଲା ଦେଖିବାକୁ ଆଖପାଖ ଗ୍ରାମର ଲୋକମାନେ ମଧ୍ୟ ଆସିଥିଲେ। ଗାୟିକା ସଂଯୁକ୍ତା ମହାପାତ୍ର ଓ ଲକ୍ଷ୍ମୀପ୍ରିୟା ସାହୁ ପାଲା ପରିବେଷଣ କରିଥିଲେ। ମା' ଦ୍ୱାରୀ ନାରାୟଣୀ ଯୁବକ ସଂଘର ସଭ୍ୟମାନେ ପାଲା ପରିଚାଳନା କରିଥିଲେ। ବାଦୀପାଲା ଧୀରେ ଧୀରେ ଲୋପ ପାଇଯାଉଥିବା ବେଳେ ଗ୍ରାମରେ ଏଭଳି ଆୟୋଜନକୁ ନେଇ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି।

### ଅନାସ୍ଥା ପ୍ରସ୍ତାବରେ ପଦ ହରାଇଲେ ସରପଞ୍ଚ

**ଗୋପ,୨୦।୧୧(ଡି.ଏନ୍.ଏ.):**

ଗୋପ ବ୍ଲକ ଅଧୀନ ଈଶାଣପୁର ପଞ୍ଚାୟତରେ ବିଭିନ୍ନ ସମୟରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏପରିକି ସରପଞ୍ଚଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ୱାର୍ଡ ସଭ୍ୟସଭ୍ୟାମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଗତ ଏପ୍ରିଲ ୧୨ରେ କଦମ୍ବପାଟଣା ଉଚ୍ଚ ବିଦ୍ୟାଳୟ ପରିସରରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିବାବେଳେ ନିମାପଡ଼ା ବିଡିଓଙ୍କ ଉପସ୍ଥିତିରେ ଭୋଟ ଗ୍ରହଣ କରାଯାଇଥିଲା। ମାତ୍ର ଏହାକୁ ଚ୍ୟାଲେଞ୍ଜ କରି ସରପଞ୍ଚ ସୁଲୋଚନା ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ବିଚାର ନ ହେବା ପର୍ଯ୍ୟନ୍ତ ଭୋଟ ଗଣତି ସ୍ଥଗିତ ରହିଥିଲା। ତେବେ ଗତ ୮ ତାରିଖ ଦିନ ଏହି ମାମଲାକୁ ବିଚାର କରି ଭୋଟ ଗଣତି ଲାଗି ନିର୍ଦ୍ଦେଶ ଦେଇଥିଲେ। ଶନିବାର ଭୋଟ ଗଣତି କରାଯାଇଥିଲା। ଏହି ପଞ୍ଚାୟତରେ ଥିବା ୧୧ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୮ଜଣ ମତଦାନ ସାବ୍ୟସ୍ତ କରିଥିବାବେଳେ ସରପଞ୍ଚଙ୍କ ସପକ୍ଷରେ ଗୋଟିଏ ହେଲେ ବି ୱାର୍ଡ ସଭ୍ୟ ଭୋଟ ଦେଇ ନ ଥିଲେ। ଫଳରେ ୮ଟି ଭୋଟ ବିପକ୍ଷରେ ଯିବାରୁ ସରପଞ୍ଚ ତାଙ୍କ ପଦ ହରାଇଥିବା ଉପଜିଲାପାଳଙ୍କ ପତ୍ରସଂଖ୍ୟା ନଂ.୮୧୩୦, ତା ୨୦।୧୧।୨୦୨୧ରିଖରୁ ଜଣାପଡ଼ିଛି।

### ଶ୍ରମ ଲାଘବ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଗୁରୁତ୍ୱ

**ସାକ୍ଷୀଗୋପାଳ,୨୦।୧୧(ଡି.ଏନ୍.ଏ.)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ ଗବେଷଣା ପ୍ରକଳ୍ପ କୃଷିଶ୍ରମ ବିଜ୍ଞାନ, ସୁରକ୍ଷା ଓ ସାକ୍ଷୀଗୋପାଳସ୍ଥିତ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ନିମାପଡା ବ୍ଲକର ବେରବୋଇ ଗ୍ରାମରେ କୃଷି ଯନ୍ତ୍ରପାତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ମହାନ୍ତି, କୃଷି ଯାନ୍ତ୍ରିକ ବିଭାଗର ସହଯୋଗୀ ପ୍ରଫେସର ମାର୍କଣ୍ଡେୟ ମହାପାତ୍ର ଓ କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯାନ୍ତ୍ରିକ ବୈଜ୍ଞାନିକ ଡ. ଦୀପଶିଖା ପରମଜିତା ଯୋଗଦେଇ ଫସଲ ଅମଳରେ ମହିଳାମାନଙ୍କ ପାଇଁ ଉପଲବ୍ଧ ଶ୍ରମ ଲାଘବ ଯନ୍ତ୍ର ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପାରମ୍ପରିକ ପଦ୍ଧତି ଅନୁସାରେ ଯନ୍ତ୍ର ବ୍ୟବହାର ଫଳରେ ସ୍ୱଳ୍ପ ସମୟ, ଖର୍ଚ୍ଚ ଓ ପରିଶ୍ରମରେ ଶସ୍ୟ ଅମଳର ଉପାୟ କହିଥିଲେ। ସ୍ୱୟଂଚାଳିତ ଧାନକଟା ମେଶିନ ବ୍ୟବହାର କରି ଏବଂ ଭଡ଼ାରେ ଲଗାଇ ଚାଷୀମାନେ କିପରି ଲାଭାନ୍ୱିତ ହୋଇପାରିବେ ଏବଂ ଉନ୍ନତ କୃଷି ଯନ୍ତ୍ରପାତିର ସୁରକ୍ଷିତ ବ୍ୟବହାର ଉପରେ ପ୍ରଫେସର ମହାନ୍ତି ପରାମର୍ଶ ଦେଇଥିଲେ। ଚାଷୀମାନଙ୍କୁ ଦାଆ ବଣ୍ଟନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଶୌଚାଳୟ ବ୍ୟବହାର, ସ୍ୱଚ୍ଛତା ନେଇ ସଚେତନତା

**କୋଣାର୍କ, ୨୦।୧୧(ଡି.ଏନ୍.ଏ):**

କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ନମସ୍କାର' ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୟୁଥ୍ ଫର୍ ୱାଟର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅଧ୍ୟାପକ ଦୁର୍ଗାଚରଣ ମୁରୁଡ଼ି, ସରୋଜ କୁମାର ଶତପଥୀ, ଲେଫ୍ଟନାଣ୍ଟ ବିନୟ ଭୂଷଣ ମହାନ୍ତି, ରେଡିଓ ନମସ୍କାର ସଂଯୋଜକ ଅନ୍ଦାଜ ଆରନ୍, କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇ ଶୌଚାଳୟର ବ୍ୟବହାର ଓ ସ୍ୱଚ୍ଛତା ରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଶୌଚାଳୟ ବ୍ୟବହାର ନେଇ ଛାତ୍ରୀଛାତ୍ର ଶପଥପାଠ କରିଥିଲେ। ପରେ କୋଣାର୍କ ଏନ୍‌ଏସି ଅଧୀନ ୩ ନମ୍ବର ୱାର୍ଡ ମୂଳିସାହି, ସିଜୁଗୋରଡ଼ି ଦଳିତ ସାହିରେ ଯୁବଗୋଷ୍ଠୀଙ୍କୁ ନେଇ ସାହିବାସିନ୍ଦାଙ୍କୁ ଗୋଷ୍ଠୀଗତ ଜୀବନରେ ସ୍ୱଚ୍ଛତାର ଗୁରୁତ୍ୱ ଓ ସୁସ୍ଥ ଜୀବନ ଶୈଳୀ ସମ୍ପର୍କରେ ସଚେତନତା କରାଯାଇଥିଲା। ସିଜୁଗୋରଡ଼ି ବାସିନ୍ଦା ତୋଫାନ କୁମାର କାଣ୍ତି ନିଜ ଗ୍ରାମରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ପାଇଁ ପୁରୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମକୁ ଭଗବତୀ ମହାବିଦ୍ୟାଳୟର ଛାତ୍ର ରଞ୍ଜନ କୁମାର କାଣ୍ତି, ଦିବ୍ୟଦର୍ଶନୀ ମହାନ୍ତି, ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୧ ନଭେମ୍ବର, ୨୦୨୧



## ଆଜି କ'ଣ କେଉଁଠି

କଟକ

- ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେଶନ ଲିମିଟେଡ୍ ପକ୍ଷରୁ ସାଇକ୍ଲୋଥନ, ଇନ୍‌ଡୋର ଷ୍ଟାଡିୟମ, ସକାଳ ୬ଟା।
- ଓଡ଼ିଶା ଏନ୍‌ଭରମେଣ୍ଟାଲ ସୋସାଇଟି ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନୀ ଉତ୍ସବ, ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ୫୫।

## ଲୋକ ଅଦାଲତରେ ୯ ବିବାଦର ସମାଧାନ

**କଟକ ଅଫିସ,୨୦।୧୧:** ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ରାଜ୍ୟ ଖାଉଟୀ ବିବାଦ ସମାଧାନ କମିଶନ ପକ୍ଷରୁ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର-୧ସ୍ଥିତ କମିଶନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୨୧ଟି ବିବାଦର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୯ଟି ସମାଧାନ ହୋଇଥିଲା। ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଏହାର ଶୁଣାଣି କରିଥିବାବେଳେ ସଚିବ ଅଭିଜିତ୍ ପଲେଇ ଉପସ୍ଥିତ ଥିଲେ।

## ରାମକୁମାରପୁରରେ ଫାଟୁଆ ରୋଗ ବ୍ୟାପିଲା

**କଟକ ସଦର,୨୦।୧୧(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତ ରାମକୁମାରପୁର ଗ୍ରାମରେ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ମହେନ୍ଦ୍ର ବେହେରା, ସରୋଜ ବେହେରା ଓ ମାୟାଧର ବେହେରାଙ୍କ ୭ଟି ଗୋରୁ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଗୋରୁମାନଙ୍କ ଗୋଡରେ ଘା ହେବାରୁ ଖାଇବା, ପିଇବା ଛାଡି ଦେଉଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ଯଥାଶୀଘ୍ର ଅନ୍ୟ ଗୋରୁଙ୍କୁ ଟିକା ଦେବା ସହ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ,୨୦।୧୧:** କଟକ ଯୋବ୍ରା ବ୍ୟାରେଜ ନିକଟରୁ ଶନିବାର ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକଙ୍କ ପ୍ୟାଣ୍ଟ ପ୍ୟାକେଟରୁ ଏକ ପର୍ସ, ଆଧାର କାର୍ଡ, ପାନ୍‌କାର୍ଡ ଓ ମୋବାଇଲ ଫୋନ ଜବତ ହୋଇଛି। ଆଧାର କାର୍ଡରେ ମୃତକଙ୍କ ନାମ ସଚିନ ସାହୁ(୨୦) ବୋଲି ଲେଖାହୋଇଛି। ପରେ ଜଗତପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ଘର ଅନୁଗୋଳ ଅଞ୍ଚଳରେ ବୋଲି ଥାନାଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

**କଟକ ସଦର,୨୦।୧୧(ଡି.ଏନ.ଏ):** କଟକ-ପାରାଦୀପ ରାସ୍ତାର କନ୍ଦରପୁର ବଜାର ନିକଟରେ ଶନିବାର ଦୁର୍ଘଟଣାରେ ୨ ଜଣ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଅଲାଣ୍ଡୋ ଅଞ୍ଚଳର ସଂଗ୍ରାମ ଦାସ(୩୦) ଓ ସୁବାସ ଚନ୍ଦ୍ର ଭୋଇ(୩୪)। ପୋଲିସ ସୂତ୍ରରୁ ପ୍ରକାଶ, ଏକ ଭ୍ୟାନ୍ ଓ ସ୍କୁଟି ସମାନ୍ତରାଳ ଭାବେ ପାରାଦୀପ ଆଡ଼କୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। କନ୍ଦରପୁର ପିସିଆର ଭ୍ୟାନ୍‌ରେ ଗୁରୁତ୍ୱର ଦ୍ୱୟଙ୍କୁ ଚିକିତ୍ସା ପାଇଁ କଟକ ପଠାଯାଇଥିବାବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

## ଧବଳେଶ୍ୱର ପୀଠ ସଫେଇ

**ଖୁଣ୍ଟୁଣୀ,୨୦।୧୧(ଡି.ଏନ.ଏ.):** କଟକ ମହାନଦୀ ବିହାରସ୍ଥିତ ଅନନ୍ତ ଗୋପାଳ ଭକ୍ତ ସମାଜ ସେବାସଂଘ ପକ୍ଷରୁ ଶନିବାର ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ ସଫେଇ କରାଯାଇଥିଲା। ସଂଘର ଶତାଧିକ ସଦସ୍ୟ ଧବଳେଶ୍ୱର ପୀଠ ପରିସର, ମନ୍ଦିରର ମୁଖ୍ୟ ପ୍ରବେଶ ପଥଠାରୁ ଝୁଲାପୋଲ ପର୍ଯ୍ୟନ୍ତ ରାସ୍ତା ଓ ମହାନଦୀ ଘାଟ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଠଗଡ଼ ଦେବୋତ୍ତର ପ୍ରଶାସନ, ଗୁରୁଡିଝାଟିଆ ଥାନା ଆଇଆଇସି ରଞ୍ଜନ ପ୍ରଧାନ, ଧବଳେଶ୍ୱର ସେବାସଂସ୍ଥା ସଭାପତି କିରଣ ବିହାରୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରକାଗଜ ବିକ୍ରେତା ସଂଘ ସଭାପତିଙ୍କ ଜନ୍ମଦିନ ପାଳିତ

**କଟକ ଅଫିସ, ୨୦।୧୧:** ଖବରକାଗଜ ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢ଼ିହାରୀଙ୍କ ୭୪ତମ ଜନ୍ମଦିନ ବାରବାଟୀ ଷ୍ଟାଡିୟମଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ କୁମାର ସାହୁ, ପ୍ରଦ୍ୟୁମ୍ନ ବିଶୋଇ ଓ ଶ୍ରୀନିବାସ ରେଡ୍ଡୀ ଉପସ୍ଥିତ ଥିଲେ।

# ନନ୍ଦନକାନନ ଶିଶୁ ରେଳଗାଡ଼ି: ଗଡୁଛି କମ୍, ରହୁଛି ବେଶି

**ବାରଙ୍ଗ,୨୦।୧୧(ଡି.ଏନ୍.ଏ.)**


ଶିଶୁ ରେଳଗାଡ଼ି ଷ୍ଟେଶନ ଫାଟକରେ ତାଲା ପଡ଼ିଥିବାରୁ ପର୍ଯ୍ୟଟକ ନିରାଶରେ ବସିଛନ୍ତି।

- ପ୍ରଥମ ଟ୍ରିପ୍ ଫେରିବା ବେଳେ ପୁଣି ତ୍ରୁଟି
- ଷ୍ଟେଶନ ବାହାରେ ଲାଗିଲା ବନ୍ଦ ବୋର୍ଡ

ନନ୍ଦନକାନନର ଶିଶୁ ରେଳଗାଡ଼ିକୁ ନେଇ ଚର୍ଚ୍ଚା ପିଛା ଛାଡୁ ନାହିଁ। ବାରମ୍ବାର ତ୍ରୁଟି ହେବା ଯୋଗୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଏବେ ଚିନ୍ତାର କାରଣ ସାଜିଛି। ୭ବର୍ଷ ବ୍ୟବଧାନ ପରେ ନନ୍ଦନକାନନରେ ନୂଆରୂପ ନେଇଥିବା ଏହି ଶିଶୁରେଳଗାଡ଼ି କମ୍ ଚାଲୁଥିବାବେଳେ ବେଶି ରହୁଥିବାର ଦେଖିବାକୁ ମିଳିଛି। ମରାମତି ହେବାର ଗୋଟିଏ ଦିନ ପରେ ଶନିବାର ପୁଣି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ୭ଜଣ ପର୍ଯ୍ୟଟକଙ୍କୁ ନେଇ ପ୍ରଥମ ପରିଭ୍ରମଣରେ ବାହାରିଥିବା ଶିଶୁରେଳଗାଡ଼ି ଫେରୁଥିବାବେଳେ ବ୍ୟାଟେରିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ସହ ଧୂଆଁ ବାହାରିଥିଲା। କୌଶଳକ୍ରମେ ଚାଳକ ଟ୍ରେନଟିକୁ ଷ୍ଟେଶନ ପର୍ଯ୍ୟନ୍ତ ନେଇଆସିଥିଲେ। ଫଳରେ ଏକ ଦୁର୍ଘଟଣାରୁ ପର୍ଯ୍ୟଟକ ରକ୍ଷା ପାଇଯାଇଥିଲେ। ଏବେ ଷ୍ଟେଶନ ଫାଟକରେ ତାଲା ପକାଯାଇ ଗେଟ୍‌ରେ ବନ୍ଦ ଲେଖାଥିବା ବୋର୍ଡ ଲଗାଯାଇଥିବା ଦେଖିବାକୁ ମିଳିଛି।

ଶିଶୁ ରେଳଗାଡ଼ିକୁ ନୂଆରୂପ ଦେବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ୪କୋଟି ୯୮ଲକ୍ଷ ଟଙ୍କା ବ୍ୟୟ କରି ରାଇଟ୍ସ ସଂସ୍ଥା ଦ୍ୱାରା ମରାମତି କରିବା ପରେ ଗତ ମାସ ୮ତାରିଖରେ ବନ୍ୟପ୍ରାଣୀ ସପ୍ତାହରେ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଏହାକୁ ଲୋକାର୍ପଣ କରାଇଥିଲେ। ବିଧିବଦ୍ଧ ଭାବେ ୧୪ତାରିଖରେ ଏହା ପ୍ରଚଳନ କରିଥିବା ବେଳେ ପରଦିନ ଖରାପ ହୋଇଥିଲା। ମରାମତି ପରେ ଚଳିତ ମାସ ୧୬ରେ ପୁଣି ଶିଶୁରେଳଗାଡି ଗଡ଼ିବା ଆରମ୍ଭ ହୋଇଥିଲା। ହେଲେ ଗୋଟିଏଦିନ ପରେ ପୁଣି ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ଯାହାକୁ ନେଇ କର୍ତ୍ତୃପକ୍ଷ ଶିଶୁ ରେଳଗାଡି ମରାମତି ପାଇଁ ଭୁବନେଶ୍ୱର ଆଇଆଇଟିର ୬ଜଣ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆସି ଟ୍ରେନଟିକୁ ଅନୁଧ୍ୟାନ କରି ଟ୍ରାଏଲ କରିବା ପରେ ଶୁକ୍ରବାର ରେଳଗାଡ଼ି ଚାଲିଥିଲା। କିନ୍ତୁ ଶନିବାର ପ୍ରଥମ ଟ୍ରିପ୍‌ରେ ପର୍ଯ୍ୟଟକଙ୍କୁ ବୁଲାଇ ଫେରିବା ବେଳେ ପୁଣି ତ୍ରୁଟି ଦେଖାଦେଇଥିଲା। ଏହା ତୃତୀୟଥର ପାଇଁ ତ୍ରୁଟି ଦେଖାଦେବାରୁ ନନ୍ଦକାନନ କର୍ତ୍ତୃପକ୍ଷ ଶିଶୁ ରେଳଗାଡ଼ିକୁ ବନ୍ଦ କରିଦେଇଛନ୍ତି। ଠିକା ସଂସ୍ଥାର ବିଶେଷଜ୍ଞ ଦଳ ଆସି ଅନୁଧ୍ୟାନ କରିବା ସହ ସମ୍ପୂର୍ଣ୍ଣ ମରାମତି ହେବା ପରେ ଶିଶୁ ରେଳଗାଡ଼ି ଚାଲିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ସବୁଠାରୁ ବଡ଼କଥା ହେଲା ବିଭାଗୀୟ ରେଞ୍ଜରଙ୍କ ଉପସ୍ଥିତିରେ ନେଇଥିବା ସଂସ୍ଥା ମେକାନିକ ପଠାଇ ମରାମତି କରୁଛି। ରେଞ୍ଜରଙ୍କ ଉପସ୍ଥିତିରେ ଟ୍ରାଏଲ ମଧ୍ୟ ହେଉଛି। ମରାମତି ସରିଲା ପରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ପୁଣି ଆଲୋଚନା ମଧ୍ୟ ହେଉଛି। ଏତେ ସବୁ ହେବା ପରେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଫୁଲନଖରା,୨୦।୧୧(ଡି.ଏନ.ଏ.)**

କଟକ ସଦର ଥାନା ଅନ୍ତର୍ଗତ ନୂଆକାଚରାମାଳ ଗ୍ରାମର ଏକ ଭଡାଘରୁ ସୌମେଶ ମହାନ୍ତି ନାମକ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ତାଙ୍କ ଘର ଏହି ଥାନା ଅଧୀନ ରାଇପୁର ଅଞ୍ଚଳରେ ହୋଇଥିବାବେଳେ ସେ ପରିବାର ସହ ନୂଆକାଚରାମାଳ ଗ୍ରାମରେ ଭଡାରେ ରହୁଥିଲେ। ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ସୌମେଶ ଉକ୍ତ ଘର ଭିତରେ ଫ୍ୟାନ୍‌ରେ ଝୁଲିପଡିଥିଲେ। ପରିବାର ଲୋକେ ଝରକା ପଟେ ଦେଖିବା ପରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ସୌମେଶଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୧) ରୁଜୁ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ପଦକ୍ଷେପ ନ ନେଲେ ଆନ୍ଦୋଳନ

**ଚୌଦ୍ୱାର,୨୦।୧୧(ଡି.ଏନ.ଏ.)**

ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଟାଟା ପାୱାରର ମନମୁଖି କାର୍ଯ୍ୟ ବିରୋଧରେ ଚୌଦ୍ୱାରସ୍ଥିତ ସତ୍ୟନାରାୟଣ ପାଲାମଣ୍ଡପରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନେସ୍କୋ ବିରୋଧୀ ମଞ୍ଚର ରାଜ୍ୟ ସମ୍ପାଦକ ସନ୍ତୋଷ ଦାସ, ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ସ୍ୱାଇଁ, ବିଷ୍ଣୁ ଚରଣ ପରିଡ଼ା, ହରିହର ପରିଡ଼ା, ଜୟ ସିଂ ପ୍ରମୁଖ ଯୋଗଦେଇ ୧୧ଦଫା ଉପରେ ଆଲୋଚନା କରିଥିଲେ। ସରକାର ଉକ୍ତ ସଂସ୍ଥା ସହିତ ଚୁକ୍ତିନାମା କରିବା ସମୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସ୍ୱଳ୍ପ ମୂଲ୍ୟରେ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଉକ୍ତ ସଂସ୍ଥା ଏବେ ଉପଭୋକ୍ତାଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସଦୃଶ୍ୟ ହୋଇଥିବା ଉପସ୍ଥିତ ଜନସାଧାରଣ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଉପଭୋକ୍ତାଙ୍କ ପକ୍ଷରୁ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ବିଭାଗକୁ ପ୍ରେରଣ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ଯଦି ସରକାର ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ବିଦ୍ୟୁତ୍ ଉପଭୋକ୍ତାମାନ ଚେତାବନୀ ଦେଇଛନ୍ତି। ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମ୍ପର୍କରେ ଟାଟା ପାୱାରର ଚୌଦ୍ୱାର ଏସ୍‌ଡିଓ ସମୀରକାନ୍ତ ପଢିଆରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।


କଟକ ଗଡ଼ଗଡିଆ ଘାଟ ମହାନଦୀ ତଟସ୍ଥ ଅସ୍ଥାୟୀ ପୋଖରୀରେ ଶନିବାର କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ପ୍ରତିମା ବିସର୍ଜନ କରାଯାଉଛି।

## ମୁକ୍ତା ଯୋଜନା ସମ୍ବନ୍ଧୀୟ କର୍ମଶାଳା

**ଚୌଦ୍ୱାର,୨୦।୧୧(ଡି.ଏନ୍.ଏ.)**

ମୁକ୍ତା ଯୋଜନାରେ ଚୌଦ୍ୱାର ସହରର ବିକାଶ ପାଇଁ ରାଜ୍ୟ ସରକାର ୬କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ପାର୍କ, ପରିଚୟ ଗୃହ, ରାସ୍ତା, ଜଳାଶୟର ପୁନରୁଦ୍ଧାର, କାନ୍ଥରେ ଚିତ୍ରକଳା ଅଙ୍କନ, ପବ୍ଲିକ ଜିମ୍, ମିଶନ ଶକ୍ତି ଗୃହ ଓ ଖୋଲା ସ୍ଥାନର ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏହି ଯୋଜନାର ସଫଳ ରୂପାୟନ ପାଇଁ ଶନିବାର ସ୍ଥାନୀୟ ପୌର ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପୌରନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ୧୯ଟି ୱାର୍ଡର ପୂର୍ବତନ କାଉନ୍‌ସିଲର ଓ ଲୋକ ପ୍ରତିନିଧିଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭିନ୍ନ ୱାର୍ଡରେ ଥିବା ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଏଥିରେ ବିଜେଡି କଟକ ଜିଲା ସମ୍ପାଦକ ଶୁଭେନ୍ଦୁ ସାମଲ, ନଗର ସଭାପତି ବିଷ୍ଣୁ ଚରଣ ପରିଡା, କାର୍ଯ୍ୟକାରୀ ସଭାପତି କରୁଣାକର ସାହୁ, ଅର୍ଜୁନ ପଣ୍ଡା, ମହେଶ ପ୍ରସାଦ ମିଶ୍ର, ଅଭୀପ୍ସା ପଟ୍ଟନାୟକ ଓ ପ୍ରକଳ୍ପ ସଂଯୋଜକ ଦେବୀକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ପ୍ରଫେସର ଉଦ୍‌ଗାତା ଥିଲେ ଛାତ୍ରବତ୍ସଳ ଅଧ୍ୟାପକ'


ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ, ୨୦।୧୧**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶତାବ୍ଦୀ ଭବନରେ ସାରସ୍ୱତ ସାଧକ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ତୈଳଚିତ୍ର ଶନିବାର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥି ଦାସ ତୈଳଚିତ୍ରକୁ ଅନାବରଣ କରି କହିଥିଲେ, ପ୍ରାଚ୍ୟ ସାହିତ୍ୟରେ ପ୍ରଫେସର ଉଦ୍‌ଗାତା ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଥିଲେ। ସେହିପରି ମୁଖ୍ୟବକ୍ତା ପ୍ରଫେସର ନିତ୍ୟାନନ୍ଦ ସାହୁ କହିଥିଲେ, ଉଦ୍‌ଗାତାଙ୍କ ସମାଲୋଚନାର ଧାରା ଥିଲା ସ୍ୱତନ୍ତ୍ର ଓ ଅଭିନବ। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଉଦ୍‌ଗାତାଙ୍କ ପୁତ୍ର ଅଧ୍ୟାପକ ଆଶିଷ କୁମାର ଉଦ୍‌ଗାତା ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ତଥ୍ୟା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ସୁଦର୍ଶନ ପଟ୍ଟନାୟକ ଅତିଥି ଆମନ୍ତ୍ରଣ ଓ କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## 'ପୁନର୍ବିଚାର କରି ନିଷ୍ପତ୍ତି ନିଅ'

**କଣ୍ଟାପଡା,୨୦।୧୧(ଡି.ଏନ.ଏ.)**

**ସରପଞ୍ଚ ପଦବୀ ସଂରକ୍ଷଣ ମାମଲା**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ପଞ୍ଚାୟତ ସରପଞ୍ଚ ପଦବୀ ସାଧାରଣବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। କିନ୍ତୁ ଗତମାସ ୮ ତାରିଖରେ ପ୍ରଥମେ ପ୍ରକାଶ ପାଇଥିବା ଚିଠା ତାଲିକାରେ ପଦବୀଟି ଅଣ ସଂରକ୍ଷିତ ରହିଛି ବୋଲି ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରକାଶିତ ଚୂଡାନ୍ତ ତାଲିକାରେ ଅଦଳବଦଳ କରାଯାଇ ଏହି ପଦବୀ ମହିଳାଙ୍କ ପାଇଁ ଅଣସଂରକ୍ଷିତ କରାଯାଇଥିଲା। ଏହାର ପ୍ରତିବାଦରେ ଉକ୍ତ ପଞ୍ଚାୟତର ବୀରେନ କୁମାର ନାୟକ ନାମକ ବ୍ୟକ୍ତି ଗତ ୩ ତାରିଖରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ପ୍ରଥମେ ପ୍ରକାଶ ପାଇଥିବା ଚିଠା ତାଲିକାରେ ରହିଥିବା ସଂରକ୍ଷଣକୁ ଚୂଡାନ୍ତ ତାଲିକାରେ ମଧ୍ୟ କାଏମ ରଖିବା ପାଇଁ ପିଟିଶନରେ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟ ଗତ ୧୭ ତାରିଖରେ ମାମଲାର ଶୁଣାଣି କରିବା ସହ ପିଟିଶନ ଉପରେ ପୁନର୍ବିଚାରକରି ଉପଯୁକ୍ତ ନିଷ୍ପତ୍ତି ନେବାକୁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମୋରମ ବୋଝେଇ ହାଇୱା, ଜେସିବି ଜବତ

**ବାରଙ୍ଗ,୨୦।୧୧(ଡି.ଏନ.ଏ.)**

ଭୁବନେଶ୍ୱର ତହସିଲ ଓ ମେଣ୍ଢାଶାଳ ଫାଣ୍ଡି ପୋଲିସର ମିଳିତ ସହଯୋଗରେ ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ପିତାପଲ୍ଲୀ ରାସ୍ତାର ମେଣ୍ଢାଶାଳ ପେଟ୍ରୋଲପମ୍ପ ନିକଟରୁ ୨ଟି ମୋରମ ବୋଝେଇ ହାଇୱା ଓ ଗୋଟିଏ ଜେସିବିକୁ ଜବତ କରାଯାଇଛି। ଗତ କିଛିମାସ ଧରି ଏହି ଗାଡି ଦୁଇଟି ବିଲ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ରାତିଅଧିଆ ଜେସିବି ସହ ହାଇୱା ୨ଟିରେ ଚୋରାରେ ମୋରମ ଆଣି କାମ ଚାଲୁଥିଲା। ଏ ନେଇ ସ୍ଥାନୀୟ ଲୋକେ ଦେଖିବା ପରେ ସନ୍ଦେହ କରି ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ରାଜସ୍ୱ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଶେଷରେ ଲୋକେ ଭୁବନେଶ୍ୱର ସହକାରୀ ତହସିଲଦାର ଦୃଷ୍ଟିକୁ ଆଣିବା ପରେ ସେ ଚଢ଼ାଉ କରିଥିଲେ।

## ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ

**କଟକ ଅଫିସ, ୨୦।୧୧**

କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ସାହିତ୍ୟ ଏକାଡେମୀ ପୁସ୍ତକ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ସଂଗ୍ରାମ ଜେନାଙ୍କ ସମ୍ପାଦିତ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ କୃତି 'ଏକତ୍ରିକା', ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ରଚିତ ଔପନ୍ୟାସିକ ଚନ୍ଦ୍ରମଣି ଦାସଙ୍କ ଜୀବନୀ, ବିଜୟା ନନ୍ଦ ସିଂଙ୍କ ସମ୍ପାଦିତ ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ଶ୍ୱେତା ମହାନ୍ତିଙ୍କ ଅନୂଦିତ ଆନାଭାଓ ସାଠେ, ଆଶିଷ ରାୟଙ୍କ ଅନୂଦିତ ଦିବ୍ୟଅସ୍ତ୍ର ଉନ୍ମୋଚିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଗୌରହରି ଦାସ ଯୋଗଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂ ସଭାପତିତ୍ୱ କରି କହିଥିଲେ, ସାହିତ୍ୟ ଏକାଡେମୀ ଓଡ଼ିଆ ସାହିତ୍ୟ ବିକାଶ ପାଇଁ ବହୁ ପ୍ରୟାସ କରୁଛି। ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ ସ୍ୱାଗତ ଭାଷଣ ଓ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ରାସ୍ତାରେ ହାତୀପଲ

**ଖୁଣ୍ଟୁଣୀ,୨୦।୧୧(ଡି.ଏନ୍.ଏ.)**


ରାସ୍ତାପାର ହୋଇଥିବା ହାତୀପଲ।

ଚନ୍ଦକା ଜଙ୍ଗଲରୁ ପଳାଇ ଆସିଥିବା ୨୨ଟି ହାତୀ ଶନିବାର ଅପରାହ୍ନରେ ଖୁଣ୍ଟୁଣୀ ବନାଞ୍ଚଳରେ ପ୍ରବେଶ କରିଛନ୍ତି। ଏହି ହାତୀପଲ ବାଳି କଲେଜ ପଛପଟ ଶାଳବଣି ମଧ୍ୟରେ ଦିନତମାମ ରହିଥିଲେ। ଅପରାହ୍ନ ୫ଟାରେ ବାଳି ନିକଟ ବଉଳଠାରେ ୫୫ ନଂ. ଜାତୀୟ ରାଜପଥ ପାର ହୋଇଥିଲେ। ଏଥିପାଇଁ ପ୍ରାୟ ୧ ଘଣ୍ଟା କାଳ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ୍ ମାଥୁର ଓ ଫରେଷ୍ଟର ରାକେଶ ଦଳାଇ ହାତୀ ଟ୍ରାକର ଏବଂ ପାରା ଷ୍ଟାଫଙ୍କ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଉଭୟ ପଟୁ ରାସ୍ତା ସିଲ୍ କରିଥିଲେ। ପରେ ହାତୀମାନଙ୍କୁ ରାସ୍ତା ପାରି କରାଇବା ପରେ ସନ୍ଧ୍ୟା ୬ଟା ବେଳକୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ହାତୀ ପଲ ଏବେ ପହିଲାବର ଗ୍ରାମ ଦେଇ ଜେମାଦେଇପୁର, ଶଶାଙ୍କ ଗହୀରରେ ପାଚିଲା ଧାନ ଖାଇ ନଷ୍ଟ କରିବା ଆଶଙ୍କା ରହିଛି। ତେବେ ହାତୀମାନଙ୍କ ଗତି ବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ବନାଞ୍ଚଳ ଅଧିକାରୀ ମାଥୁର କହିଛନ୍ତି।

## ସ୍ପେଶାଲ ଅଡିଟ୍ ପାଇଁ ସୁପାରିସ

**କଟକ ସଦର,୨୦।୧୧(ଡି.ଏନ୍.ଏ.)**

**ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ମିନିବ୍ୟାଙ୍କରେ ଅର୍ଥ ତୋସରପାତ ହୋଇଥିବା ସ୍ପଷ୍ଟ ହୋଇସାରିଛି। ଏ ସମ୍ପର୍କରେ ଅଦାଲତରେ ମାମଲା ଚାଲିବାକୁ ଥିବାରୁ ତୋସରପାତ ଘଟଣାର ସ୍ପେଶାଲ ଅଡିଟ୍ କରିବା ପାଇଁ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଚିତ୍ତରଞ୍ଜନ ମହାପାତ୍ର ଏକ ପ୍ରସ୍ତାବ ଉପ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପାଖକୁ ପଠାଇଛନ୍ତି। ଉପ ନିବନ୍ଧକ ସୁବୁଦ୍ଧି ଅନୁମତି ଦେବାପରେ ଅଡିଟ୍ ଆରମ୍ଭ ହେବ। ଉକ୍ତ ମିନିବ୍ୟାଙ୍କ୍‌ର ୧୫୩ ଜଣ ଜମାକାରୀଙ୍କ ୭୮ ଲକ୍ଷ ଟଙ୍କା ତୋସରପାତ ହୋଇଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡିଛି। ଏନେଇ ମିନିବ୍ୟାଙ୍କ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ନାମରେ କନ୍ଦରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୨୬/୨୧) ରୁଜୁ କରିଛି। ଉପ ନିବନ୍ଧକ ସୁବୁଦ୍ଧିଙ୍କ ଅନୁମତି ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସହକାରୀ ସମବାୟ ନିବନ୍ଧକ ଚିତ୍ତରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ

**କଟକ ଅଫିସ, ୨୦।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ୩୪ ନଂ. ୱାର୍ଡ ଅନ୍ତର୍ଗତ ମାଛୁଆବଜାର ସ୍ଥିତ ଶଶିକଳା ପ୍ୟାଲେସଠାରେ ଶୁକ୍ରବାର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ସାମାଜିକ କର୍ମୀ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତବର୍ଷ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳ ଜେନା ଓ ସାମାଜିକ କର୍ମୀ କ୍ଷୀରୋଦ କୁମାର ସାହୁ ଉପସ୍ଥିତ ଥିଲେ।

